ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ଜାନୁୟାରୀ ୨୨-ଫେବୃୟାରୀ ୪, ୨୦୨୦

**ଅବଲୋକନ :** ଡ. ପ୍ରଫୁଲ୍ଲ କୁମାର ମହାନ୍ତି

**ବିଶେଷ ଗଳ୍ପ :** ଗିରୀଶ ସାହୁ

**ଅନୁବାଦ ଗଳ୍ପ :** ହିମାଂଶୁ ଯୋଶୀ



# ଛେଳି

ଥରେ ଜଣେ ଅବୁଝା ଲୋକ ନିଜ ରୋଗଣୀ ସ୍ତ୍ରୀକୁ ଧରି ସହରର ଜଣେ ନାମୀଦାମୀ ଡାକ୍ତରଙ୍କ ନିକଟରେ ପହଞ୍ଚିଲେ। ଡାକ୍ତରଙ୍କୁ ନିଜର ସମସ୍ତ ଅସୁବିଧା କଥା



ସ୍ତ୍ରୀ ଲୋକଟି ଜଣାଇଲା। ଡାକ୍ତରଙ୍କ ପରାମର୍ଶକ୍ରମେ ଅନେକ ପରୀକ୍ଷାନିରୀକ୍ଷା କରାଗଲା। ସଞ୍ଜ ନଇଁ ଆସିଲାଣି। ଅବୁଝା ଲୋକଟି ତରତର ହେଉଥାଏ ଗାଁକୁ ଯିବା ପାଇଁ। ଶେଷରେ ଡାକ୍ତରଙ୍କ ପାଖରୁ ଜାଣିବାକୁ ପାଇଲାଯେ, ସ୍ତ୍ରୀର ଆହୁରି ତିନୋଟି ପରୀକ୍ଷା କରିବାର ଅଛି ଏବଂ ସେଥିପାଇଁ ବହୁ ଅଧିକ ସମୟ ଲାଗିଯିବ।

ହଠାତ୍ ଗାଁରୁ ଲୋକଟିର ବାପା ଫୋନ୍ କଲେ। ଲୋକଟି ଗାଁରେ ଛେଳି ପାଳିଥିଲା। ଗୋଟିଏ ଛେଳିର ଦେହ ଖରାପ ଅଛି। ଛେଳିର ଦେହ ଖରାପ କଥା ଶୁଣୁଶୁଣୁ ସେ ସିଧା ଡାକ୍ତରଙ୍କ ପାଖକୁ ଯାଇ ଜଣାଇଦେଲାଯେ, ସ୍ତ୍ରୀର ଅନ୍ୟ ପରୀକ୍ଷାଗୁଡ଼ିକ ଆଜି ହୋଇପାରିବ ନାହିଁ। ଛେଳିର ଦେହ ଖରାପ ଅଛି, ତେଣୁ ମୁଁ ଶୀଘ୍ର ଗାଁକୁ ଯିବି।

ଅବୁଝା ଲୋକଟିର ଛେଳି ପ୍ରତି ଦରଦ ଦେଖି ଡାକ୍ତର ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ। ଡାକ୍ତର ବାରମ୍ବାର ବୁଝାଇବା ପରେ ମଧ୍ୟ ସେ ଲୋକଟି ନ ବୁଝିବାରୁ ଶେଷରେ ଡାକ୍ତର ବିରକ୍ତ ହୋଇ କହିଲେ, 'ତୁମ ପାଇଁ ତୁମ ସ୍ତ୍ରୀ ବଡ଼ ନା ତୁମ ଛେଳି ବଡ଼?'

ଲୋକଟି ନିର୍ଭୀକ ଭାବେ ଉତ୍ତର ଦେଲା, ''ମୋ ପାଇଁ ମୋ' ଛେଳି ବଡ଼। ଏହି ସ୍ତ୍ରୀ ମରିଗଲେ ଦ୍ୱିତୀୟ ସ୍ତ୍ରୀ ଆସିବ ଓ ତା' ସହିତ ଅନେକ ଯୌତୁକ ମଧ୍ୟ ମିଳିବ। ମାତ୍ର ମୋ' ଛେଳି ମରିଗଲେ, ତା'ର ଦାମ୍ କ'ଣ ଆପଣ ଦେବେ ?''

**ସ୍ମିତା ନାୟକଙ୍କ ଦୁଇଟି ମିନି ଗଳ୍ପ**

# ବିରାଡ଼ି ଓ ଈଶ୍ୱର

ଏକଦା ବିରାଡ଼ିଟିଏ ଈଶ୍ୱରଙ୍କୁ ଧ୍ୟାନ କରିବାରେ ଲାଗିଲା। ଅଖିଆ, ଅପିଆ, ଅନିଦ୍ରା ରହି ଈଶ୍ୱରଙ୍କ ଜପରେ ମଗ୍ନ ରହିବାରୁ ଈଶ୍ୱର ପ୍ରୀତ ହୋଇ ବିରାଡ଼ି ସମ୍ମୁଖରେ ଉପସ୍ଥିତ ହୋଇ କହିଲେ- କ'ଣ ବର ମାଗୁଛୁ ମାଗ୍।

ଈଶ୍ୱରଙ୍କଠାରୁ ବର କଥା ଶୁଣି ବିରାଡ଼ି ନିଜର ଇଚ୍ଛା ପୋଷଣ କରି କହିଲା- ପ୍ରଭୁ! ଚାରିଆଡ଼େ ଖାଦ୍ୟାଭାବ, ଜଳକଷ୍ଟ, ଉତ୍ତାପ, ମରୁଡ଼ିର କରାଳଛାୟା। ତେଣୁ ମୁଁ ଭୋକ ଉପାସରେ ଆଉଟୁପାଉଟୁ ହେଉଛି। ଦୟା କରି ମୋର କଲ୍ୟାଣ ପାଇଁ ଥରେ ମୂଷା ବର୍ଷା କରନ୍ତୁ। ଫଳରେ ମୋତେ ଖାଇବାକୁ ମିଳିବ ଏବଂ ମୋର ଏଇ କରୁଣ ଦୁର୍ବଳିଆ ରୂପ ହୃଷ୍ଟପୁଷ୍ଟ ହୋଇପାରିବ।

ଈଶ୍ୱର ବିରାଡ଼ିର ଇଚ୍ଛା ଶୁଣି ସ୍ମିତହାସ୍ୟ କଲେ। ଭଗବାନ୍‌ଙ୍କ ସ୍ମିତହାସ୍ୟର ଅର୍ଥ ବିରାଡ଼ି ବୁଝି ନ ପାରି କହିଲା- ପ୍ରଭୁ! ଏ ଅକିଞ୍ଚନ ଉପରେ କୃପା କରନ୍ତୁ। ଆପଣ ଭୋକିଲାର ପେଟ ଚିହ୍ନନ୍ତି। ତେଣୁ ଥରଟିଏ



ତଥାସ୍ତୁ କହିଦିଅନ୍ତୁ। ତଥାସ୍ତୁ ନ କହି କାହିଁକି ନୀରବ ରହୁଛନ୍ତି ପ୍ରଭୁ?

ଈଶ୍ୱର କହିଲେ- ତୁ କହିଲୁ ମୁଁ ସମସ୍ତଙ୍କ ପେଟ ଚିହ୍ନୁଛି। ତାହାହିଁ ସମସ୍ୟା। ତୁ ପଛ ପଟକୁ ବୁଲି ଦେଖ୍, କୁକୁରଟିଏ ତପସ୍ୟା କରି ବିରାଡ଼ି ବର୍ଷା କରିବା ପାଇଁ ମତେ ନିବେଦନ କରୁଛି। ବର୍ତ୍ତମାନ କହ ମୁଁ ତା' କଥାରେ ବିରାଡ଼ି ବର୍ଷା କରିବି କି ?

*– ଭଞ୍ଜନଗର, ଗଞ୍ଜାମ*

# ଓଡ଼ିଆ କବିତାରେ ମନମୋହନ ଦାଶଙ୍କ ସ୍ଥାନ ଅପୂରଣୀୟ ରହିବ




**ମହାଶୟ,**

✲ ପ୍ରଚ୍ଛଦରେ ପ୍ରବଳ ଶୀତ ଓ ବରଫ ସହିତ ବର୍ଷଣ ପ୍ରକୃତିରେ ଚଢ଼େଇ ଦୁଇଟି ଡାଳରେ ଏବଂ ମାଙ୍କଡ଼ଟି କିଂକର୍ତ୍ତବ୍ୟବିମୂଢ଼ ଭାବେ ଏହାର ମୁକାବିଲା କରୁଥିବା ଚିତ୍ର ଅତ୍ୟନ୍ତ ଜୀବନ୍ତ ଲାଗିଲା। ମୁଖ୍ୟ ପୃଷ୍ଠାରେ ହିନ୍ଦୀ ଅନୂଦିତ ଗଳ୍ପ 'ଉତ୍ସବ' ସତ୍ୟ ଘଟଣା ହୋଇଥିଲେ ମଧ୍ୟ ଗାଳ୍ପିକ / କବି ବିନୟ କୁମାର ଦାସ ଖବରଦାତାମାନେ କିପରି ଖବରପିପାସୁ ହୋଇ ନିଜର ମାନବିକ କର୍ତ୍ତବ୍ୟ ଭୁଲି 'କେହି ପିଲା ଗାତରେ ପଡ଼ିଗଲେ ତୁରନ୍ତ ଖବର ଦେବାକୁ ବ୍ୟଗ୍ର ହେବା ସହିତ ପୁରସ୍କାର ଲୋଭ ଦେଖାଇଛନ୍ତି' ତା'ର ଅବତାରଣା କରିଛନ୍ତି। ଅଷ୍ଟ ଦଶକର ପ୍ରଥିତଯଶା କବି ମନମୋହନ ଦାଶଙ୍କ ଜୀବନୀ ଈପ୍‌ସିତା ଷଡ଼ଙ୍ଗୀ ଶ୍ରଦ୍ଧାଞ୍ଜଳି ଆଙ୍ଗିକରେ ଯେପରି ଉପସ୍ଥାପନା କରିଛନ୍ତି, ତାହା ମର୍ମସ୍ପର୍ଶୀ ହୋଇପାରିଛି। ଜୀବନ ଓ କବିତାର ଶ୍ରେଷ୍ଠ ରୂପକାର ଭାବେ ଫନୀ ମହାନ୍ତିଙ୍କ ବକ୍ତବ୍ୟରେ କବି ମନମୋହନ ମହାନ୍। ତାଙ୍କର କବିତା ନୀରବତା ଓ ଶବ୍ଦ ସମୀକ୍ଷା କରିବାର ବୁଦ୍ଧିମତ୍ତା ମୋର ନାହିଁ। ତାଙ୍କର ବିୟୋଗ ଉତ୍କଳ ଜନନୀର ବୌଦ୍ଧିକ ପରିସରରେ ନିଶ୍ଚୟ ଅପୂରଣୀୟ ରହିବ। ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କ 'ଘର ୱାପସ୍' ଓ 'ଗୁମର' ଗଳ୍ପ ସୁଖପାଠ୍ୟ ଲାଗିଲା। ଯୁକ୍ତରାଷ୍ଟ୍ର ଆମେରିକାରେ ରହୁଥିବା ଡ. ବିଜ୍ଞାନୀ ଦାସଙ୍କ ଦୀର୍ଘ ଗଳ୍ପ 'ନାଚସାଥୀ' ନିମନ୍ତେ ମୁଁ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି। ପାଶ୍ଚାତ୍ୟ ଜଗତରେ ଯାହା ଘଟିଥାଏ, ତହିଁର ଆଭାସ ଏଥିରୁ ମିଳିଥିଲା। 'କବିତାରେ ବୋଉକୁ ମୁଁ ଖୋଜୁଛି, ଖୋଜି ଚାଲିଛି' କବି ମନୋରଞ୍ଜନ ଦାଶ ଯେପରି ବୋଉଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ କବିତାରେ ଭକ୍ତି ଅର୍ପଣ କରିଛନ୍ତି, ଏହା ସମସ୍ତେ ଅନୁକରଣ କରିବା ଉଚିତ। ତିନି ଆଧୁନିକ କବିତା, ସର୍ବୋପରି ଗୀତି-କବିତା 'ଠିକଣା' ମୋତେ ଭାରି ଭଲ ଲାଗିଲା। କବି ସୁରେଶ କୁମାର ନାୟକଙ୍କ ପ୍ରଥମ ଲେଖା ପ୍ରକାଶନର ପହିଲି ସାରସ୍ୱତ ପୁଲକ ଅନ୍ୟମାନଙ୍କ ପରି। 'ପୁସ୍ତକ ପରିଚୟ'ରେ ନୀତିନିଷ୍ଠ ସମ୍ମାନାସ୍ପଦ ସାହିତ୍ୟିକ ମନୋଜ ଦାସଙ୍କ ଚେତନାର ଦିଗ୍‌ବଳୟ ଓ ଅନ୍ୟ ତିନିଟି ପୁସ୍ତକ ସମ୍ପର୍କରେ ସୂଚନା ପାଇଲି।

*– ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ*

✲ ଡ. ବିଜ୍ଞାନୀ ଦାସଙ୍କ ଗଳ୍ପ 'ନାଚସାଥୀ'ର ଚରିତ୍ର ଜଲି, ସଞ୍ଜନା, ରୋଶ୍‌ନୀ ବିଦେଶ-ପଟଭୂମିରେ ସଚ୍ଚିତ୍ର ଓ ଗତିଶୀଳ। ରଜନୀକାନ୍ତ ମହାନ୍ତିଙ୍କ ଦି'ଟି ଗପ, 'ଘର ୱାପସ୍'ରେ ଟିପି ରାଉଳ ସରକାରୀ ଘର ଫେରାଇ ନେବାକୁ ଚାହୁଁଛି ; 'ଗୁମର' ଥରକୁ ଥର ଫେରୁଥିବା ସତ ଦାସକୁ ସିନାନୀ ମାଆର ଆମନ୍ତ୍ରଣ 'ବିଚିତ୍ରବର୍ଣ୍ଣା' ପଢ଼ିଲା ପରି ହୋଇଛି। ଜଣେ ଖବରଦାତାର ଲାଳସାକୁ 'ଉତ୍ସବ' ମାଧ୍ୟମରେ ଅନୁବାଦ କରିଯାଇଛନ୍ତି ବିନୟ କୁମାର ଦାସ। ଈପ୍‌ସିତା ଷଡ଼ଙ୍ଗୀଙ୍କ 'ପ୍ରଦକ୍ଷିଣ'ର ପୂର୍ବ ସ୍ମୃତି ସହ କିଛି କବି, ଲେଖକଙ୍କ କାଳଜୟୀ କୃତିର ଖୋରାକ ମିଳେ। ସୃଜନ-ସ୍ମୃତିରୁ ମନୋରଞ୍ଜନ ଦାଶଙ୍କ କବିତାରେ ''ମୋ' ବୋଉକୁ ମୁଁ ଖୋଜୁଛି'', ବାସ୍ତବରେ ଭଗବାନ ତ ସବୁଠି ରହିପାରନ୍ତି ନାହିଁ ବୋଲି ମାଆ ସୃଷ୍ଟି କରିଛନ୍ତି। ପ୍ରାଣେଶ୍ୱର ମିଶ୍ରଙ୍କ ଯା' ଯା' ନେଇଯା' ଗଳ୍ପରେ କହିପାରୁ ନ ଥିବା କୁକୁର କହିପାରୁଥିଲେ ବି ଚୁପ୍ ରହୁଥିବା ବୃଦ୍ଧର ଚରିତ୍ର ଚିତ୍ରଣ ଭଲ ହୋଇଛି। ସୁରେଶ କୁମାର ନାୟକ 'ପହିଲି ପୁଲକ' ଚମତ୍କାର ଶୈଳୀରେ ଉପସ୍ଥାପିତ କରିଛନ୍ତି। ଦରଦୀ ଗାୟକ ମୁକେଶଙ୍କ ସ୍ୱର ଆଖିରୁ ଲୁହ ବାହାର କରିବ ନିଶ୍ଚୟ। ବାସ୍ନା, ମୋକ୍ଷ, ପହଁରାନିଶା ଓ ବାଙ୍ମୟ ଗଦ୍ୟ, କବିତାଗୁଡ଼ିକ ପଢ଼ିଲେ ମନୋଭାବନା ପ୍ରସରିତ ହୁଏ। ଗୀତି-କବିତା 'ଠିକଣା' ଖୁବ୍ ସରସ, ସୁନ୍ଦର। ନୂତନ ବର୍ଷର ପ୍ରଥମ ଜାନୁୟାରୀ ଆଠରେ ପ୍ରକାଶିତ ସାହିତ୍ୟାୟନର ପକ୍ଷୀ ଓ ବାନର ପ୍ରଚ୍ଛଦପଟ ଆକର୍ଷଣୀୟ। 'ତଥାପି ଥକି ନାହିଁ' ଆତ୍ମକଥାଟିଏ ରହିଛି ପୁସ୍ତକ ପରିଚୟ ପୃଷ୍ଠାରେ, ଯାହା ବହିଟି ପଢ଼ିବାକୁ ଉତ୍ସାହୀ କରିବ।

*– ପ୍ରତାପ ଚନ୍ଦ୍ର ପାଢ଼ୀ (ଶିକ୍ଷକ) ହେମଲତା ପବ୍ଲିକ୍ ସ୍କୁଲ, ଗୋବିନ୍ଦନଗର, ଗୋଳନ୍ଥରା, ଗଞ୍ଜାମ*

✲ ୨୫ ଡିସେମ୍ବର ୨୦୧୯-୦୭ ଜାନୁୟାରୀ ୨୦୨୦ ସଂଖ୍ୟା ଆମ ହସ୍ତଗତ ହେଲା। ପ୍ରତିଭା ପରିଡ଼ାଙ୍କ 'ସୃଜନ-ସ୍ମୃତି', ଚାରିଟି ଅନୁବାଦ ଗଳ୍ପ ଭଲ ଲାଗିଲା।ବିଶେଷଗଳ୍ପ'ବହୁବର୍ଣ୍ଣା'ପାଠକରହୃଦୟକୁସ୍ପର୍ଶକଲାଭଳିହୋଇଛି।

*– ଅରୁଣ କୁମାର ନାୟକ, ମାନସ କୁମାର ଯେନା, ଏରେଇଁ, ଚରମ୍ପା, ଭଦ୍ରକ*

✲ ଜାନୁୟାରୀ ୮-୨୧, ୨୦୨୦ ସଂଖ୍ୟାର 'ସାହିତ୍ୟାୟନ' ପାଠକରି ଖୁସି ଲାଗିଲା। ଏଥିରେ ସ୍ଥାନିତ ରୁଚିସମ୍ପନ୍ନ ଲେଖାମାନ ପ୍ରକାଶ ପାଇଥିବାରୁ ଅନୁବାଦ ଗଳ୍ପ 'ଉତ୍ସବ', 'ପ୍ରଦକ୍ଷିଣ'ରେ କବି ମନମୋହନ ଦାଶଙ୍କ ସୃଜନ ପ୍ରତି ସ୍ୱୀକୃତ, ରଜନୀକାନ୍ତ ମହାନ୍ତିଙ୍କ ''ଦି'ଟି ଗଳ୍ପ'', ଗଳ୍ପ 'ନାଚସାଥୀ', 'ସୃଜନ-ସ୍ମୃତି', ଗୀତି-କବିତା 'ଠିକଣା' ବେଶ୍ ଭାବୋଦ୍ଦୀପକ ଥିଲା। 'ପହିଲି ପୁଲକ' ପାଠକ ତଥା ନୂତନ ସୃଜନଙ୍କୁ ପ୍ରେରଣା ଯୋଗାଇବ ନିଶ୍ଚିତ। ବାସ୍ତବିକ 'ସାହିତ୍ୟାୟନ' ଯେ ସୃଜନର ଅପରୂପ ସମ୍ଭାର, ଏଥିରେ ଦ୍ୱିମତ ନାହିଁ। 'ଭୁବନେଶ୍ୱର'ର ଇଂଲିଶ୍ ବନାନ ଉପରେ ମୋର ବିନମ୍ର ମତ ହେଲା- 'ସ' ପାଇଁ 'Sa' ଏବଂ 'ଷ' ତଥା 'ଶ' ପାଇଁ 'Sha' ଲେଖା ଯାଉଥିବାରୁ ଭୁବନେଶ୍ୱରର ଇଂଲିଶ୍ ବନାନ 'Bhubaneswar' ନ ହୋଇ 'Bhubaneshwar' ହେବା ଉଚିତ। ବିଚାର କରି ଦେଖିବେ।

**– ମନୋରଞ୍ଜନ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର**

**ସାହିତ୍ୟାୟନ**

**ଲେଖା ପଠାଇବାର ଠିକଣା**

**ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ଶବରୀ

ଅରୁଣ ମିଶ୍ର

ଟ୍ରେନ୍‌ରେ ଗଲାଆସିଲାବେଳେ ଆମେ ଅନେକ ନୂଆ ଲୋକଙ୍କୁ ଦେଖୁ, କିଛି ଲୋକଙ୍କ ସହ କଥାବାର୍ତ୍ତା ବି ହେଉ। ଆଉ ଯାତ୍ରା ଶେଷରେ ପ୍ରାୟ ଲୋକଙ୍କୁ ଭୁଲିଯାଉ। କିନ୍ତୁ ସେମାନଙ୍କ ମଧ୍ୟରୁ କିଛି ଲୋକ ଭିନ୍ନ ଥାଆନ୍ତି। ଆମ ମନ ହୃଦୟରେ ସେମାନେ ସେମାନଙ୍କ ଛାପ ଛାଡ଼ିଯାଆନ୍ତି ଏବଂ ବର୍ଷବର୍ଷ ଧରି ଆମର ମନେ ପଡୁଥାନ୍ତି। ସେମିତି ଭିନ୍ନ ଥିଲା ଜଣେ ବୁଢ଼ୀ। ଯେତେବେଳେ ବି ମୁଁ ସପେଟା ଖାଏ, ମୋ'ର ମନେପଡ଼େ ସିଏ।

କଥାଟା ପ୍ରାୟ କୋଡ଼ିଏ ବର୍ଷର ପୁରୁଣା। ସେତେବେଳେ ହୀରାଖଣ୍ଡ ଏକ୍ସପ୍ରେସ୍ ଭୁବନେଶ୍ୱରରୁ ରାଉରକେଲା ଯାଉଥିଲା, ଭାୟା ଟିଟିଲାଗଡ଼। ମୁଁ ସେଥିରେ ବ୍ରହ୍ମପୁରରୁ ଟିଟିଲାଗଡ଼ ଫେରୁଥାଏ। ଭୋର୍ ସମୟକୁ ମୋ'ର ନିଦ ଭାଙ୍ଗିଲାରୁ ଦେଖିଲି ଟ୍ରେନ୍ ଠିଆ ହେଇଥିଲା କୌଣସି ଷ୍ଟେଶନରେ। ମୋ'ର ଏବେ ବି ମନେଅଛି, ପଞ୍ଚଷଠି ନମ୍ବର, କବାଟ ପାଖ ତଳ ବର୍ଥ ଥିଲା ମୋର। ଉଠିଆସି କବାଟ ପାଖରେ ଠିଆ ହେଲି। ଉଦ୍ଦେଶ୍ୟ ଥିଲା, କେହି ଚା'ବାଲା ବୁଲୁଥିଲେ ଡାକିବି। ହେଲେ କେହି ଦିଶିଲେନି।

''ଭୈୟା, କୌନ୍‌ସା ଷ୍ଟେଶନ ହୈ ?'' ମୋ' ବର୍ଥ ଉପର ବର୍ଥରୁ କେହି ଜଣେ ଘୋଡ଼େଇ ହେଇଥିବା ଚାଦର ଭିତରୁ ମୁହଁ କାଢ଼ି ମତେ ପଚାରିଲେ। ଦୂରରୁ ଷ୍ଟେଶନର ନାଁ ପଢ଼ିବାକୁ ଚେଷ୍ଟା କରି ଉତ୍ତରଦେଲି...

'ମୁନିଗୁଡ଼ା' । ମୋ' ଉତ୍ତରକୁ ଅପେକ୍ଷା ନ କରି ଲୋକଟି ମୁହଁ ଘୋଡ଼େଇ ହେଇ ଶୋଇ ସାରିଥିଲା। ମୁଁ ତା'ଠୁଁ ଧନ୍ୟବାଦ ଆଉ କ'ଣ ଆଶା କରିଥା'ନ୍ତି ? ଅଭଦ୍ର ଲୋକ ବୋଲି ମନେମନେ କହି ପ୍ରାକୃତିକ ଦୃଶ୍ୟ ଆଡ଼କୁ ମୁହଁ ଫେରେଇଲି।

ପାହାଡ଼ ପର୍ବତଘେରା ମୁନିଗୁଡ଼ା ଭାରି ଭଲ ଲାଗୁଥିଲା। ଫେବୃୟାରୀ ମାସର ସକାଳୁଆ ଥଣ୍ଡା ପବନ ମୋ' ଦେହରେ ବାଜୁଥିଲା। କବାଟ ପାଖରେ ସେମିତି ଠିଆ ହେଇ ଦୂରକୁ ଚାହିଁଲି। ଟ୍ରେନ୍‌ଲାଇନ୍ ପରେ କିଛି ଅନାବନା ଘାସ ଗଛରେ ଭର୍ତ୍ତି କ୍ଷେତ ଦେଖାଯାଉଥିଲା। ଆହୁରି ଦୂରରେ ଦେଖାଯାଉଥିଲା ଧାଡ଼ିକରି ଲମ୍ବି ଯାଇଥିବା ନୁଆଁଣିଆ ଚାଳଘର ସବୁ।

ମୋ' ନଜରରେ ପଡ଼ିଲା ଗୋଟେ ବୁଢ଼ୀ। ଘାସବଣ ଭିତର ଦେଇ ଉଠି ଆସୁଥିଲା ଟ୍ରେନ୍ ଲାଇନ୍ ଉପରକୁ। ବୋଧହୁଏ ଟ୍ରେନ୍ ଧରିବା ଉଦ୍ଦେଶ୍ୟ ଥିଲା ତା'ର।

ବୟସ ସତୁରିରୁ ଅଧିକ ହବା ପରି ଲାଗୁଥିଲା। ମୁଣ୍ଡରେ ବୋହିଥିଲା ଗୋଟେ ପାଛିଆ। କିଛି ଜିନିଷ ଘୋଡ଼େଇ ରଖିଥିଲା ସେଥିରେ। ତଳକୁ ନ ଚାହିଁ ଡେଇଁ ଚାଲିଥିଲା ଗୋଟିକ ପରେ ଗୋଟିଏ ଲାଇନ୍, ଯେମିତି ଏଇ କାମରେ ସିଏ ବର୍ଷବର୍ଷ ଧରି ଅଭ୍ୟସ୍ତ ଥିଲା।

ଟ୍ରେନ୍ ପାଖକୁ ଆସି ମୋ' ଗୋଡ଼ ତଳକୁ ପାଛିଆଟାକୁ ଥୋଇ ପେଲିଦେଲା ବୁଢ଼ୀ। ଥକା ଲାଗୁଥିଲା ବୋଧହୁଏ, ଛିଡ଼ା ହେଇ ଅଣ୍ଟା ସଳଖିଲା। ଅଣ୍ଟାରୁ ନାସଡବା କାଢ଼ି ପାଟିରେ ପକେଇଲା। ବଡ଼ ଘୃଣାରେ ମୁଁ ତାକୁ ଲକ୍ଷ୍ୟ କରୁଥିଲି। ଅପରିଷ୍କାର ଥିଲା ବୁଢ଼ୀଟା। ବିପର୍ଯ୍ୟସ୍ତ ଚୁଟି, ମଇଳା ଶାଢ଼ି, ମଇଳା ହାତପାଦ, ବଡ଼ବଡ଼ ନଖ। ସେଥିରେ ପୁଣି ନାସ ଖାଇ ବୁଢ଼ୀ ପୁଚ୍‌ପାଚ୍ ଛେପ ପକଉଥିଲା।

'ଛି!' ଟ୍ରେନ୍ ହ୍ୱିସିଲ୍ ଦେଲା। ବୁଢ଼ୀ ତତ୍ପର ହେଇଉଠିଲା, ଉପରକୁ ଉଠିବାକୁ ହାତ ବଢ଼େଇ ଲୁହା ପାଇପ୍‌କୁ ଧରିଲା। ଶିଡ଼ିରେ ଗୋଟିଏ ପାଦ ଥୋଇଥିଲା କି ନାହିଁ ହଠାତ୍ ଟ୍ରେନ୍ ଗଡ଼ିବାକୁ ଆରମ୍ଭ କଲା। ବୁଢ଼ୀ ଖସିପଡ଼ିବା ପରି ମନେହେଲା ମତେ। ମୋ' ଅଜାଣତରେ ମୁଁ ତା' ହାତଟାକୁ ଧରିନେଲି। ମୋ' ପାଟିରୁ ଏତକ ବାହାରି ପଡ଼ିଲା...

'ହେ... ପଡ଼ିବ।' ବୁଢ଼ୀକୁ ଉପରକୁ ଉଠିବାରେ ସାହାଯ୍ୟ କରୁକରୁ ବିରକ୍ତିରେ କହିପକେଇଲି...

''ଭିତରକୁ ଆସି ନାସ ଖାଇଥିଲେ ଚଳି ନ ଥାନ୍ତା ? ତଳେ ଠିଆ ହେଇ ଷ୍ଟାଇଲ୍ ମାରୁଥିଲ କାହିଁକି ? ପଡ଼ିକି ମରିଥାନ୍ତ ଯଦି ?''

ତେଲେଙ୍ଗୀ ବୁଢ଼ୀ ମୋ' କଥା କ'ଣ ବୁଝିଲା କେଜାଣି, କଳାକଳା ପୋକଡ଼ା ଦାନ୍ତ ଦେଖେଇ ବେପରୁଆ ହସିଲା। ତେଲୁଗୁ-ଓଡ଼ିଆ ଫେଣ୍ଟାଫେଣ୍ଟି ଭାଷାରେ ଯାହା କହିଲା, ମୁଁ ଅର୍ଥ କଲି ଏମିତି...

''ପଡ଼ିକି ମରିଯିବାର ହେଇଥିଲେ କେବଠୁ ମରି ସାରନ୍ତିଣି।''

''ତମ ସାଙ୍ଗରେ କ'ଣ ଆଉ କେହି ନାହିଁ ? ଏତେ ବୟସରେ ଓଜନ ବୋହି ଏକେଲା ଯାଉଚ ଆଉଚ କାହିଁକି ?''

''ସମସ୍ତେ ଅଛନ୍ତି, ସ୍ୱାମୀ, ପୁଅ, ଝିଅ। ହେଲେ, ପାଖରେ କେହି ନାହାନ୍ତି। ଯିଏ ଯାହାର ଅଲଗା ହେଇ ରହୁଛନ୍ତି। ମୋ' କଥା ମୁଁ ବୁଝୁଛି। ଆଉ କ'ଣ କରିବି ?''

ମୁଁ ବୁଝିଗଲି, ବୁଢ଼ୀର ବୁଦ୍ଧି ଖରାପ ହେଇଥିବ, ସେଇଥିପାଇଁ ସମସ୍ତେ ପାଖଛଡ଼ା ହେଇ ରହିଛନ୍ତି। ନ ହେଲେ ପୁଅଝିଅ ଅଲଗା ହେଇ ରହିଲେ, କିଛି ନୂଆ କଥା ନୁହେଁ। ସ୍ୱାମୀଟା ଅଲଗା ହେଇ ରହିଲା କାହିଁକି ? ସତୁରି ବର୍ଷ ବୟସରେ ବୁଢ଼ୀ ଯେ ଏକେଲା ବଞ୍ଚିବାର କଷ୍ଟ ପାଉଛି, ସେଇଟା ତା' ଗୁଣରୁ। ଟ୍ରେନ୍‌ରୁ ପଡ଼ି କେତେବେଳେ ଜୀବନ ଯିବ, ଘରଲୋକ କେହି ଜାଣିପାରିବେନି।

ପର ଷ୍ଟେଶନ ଆସିବା ପୂର୍ବରୁ ଦାନ୍ତ ଘଷି ଦେଇଥିଲେ ଚା' ପିଇବାକୁ ସୁବିଧା ହବ ଭାବିଲି। ନିଜ ବର୍ଥକୁ ଫେରି ବ୍ରଶ୍ ଆଣି ଆସିଲି ୱାଶ୍ ବେସିନ୍ ପାଖକୁ। ସାଙ୍ଗରେ ନେଇଆସିଥିଲି ସାବୁନ୍। ଭଲକରି କହୁଣିଯାଏଁ ମୋ' ହାତ ଧୋଇ ପକେଇଲି। ଅସଲ କଥାଟା ହେଲା, ବୁଢ଼ୀର ଅପରିଷ୍କାର ହାତ ଧରିଥିବାରୁ ମତେ ଘୃଣା ଲାଗୁଥିଲା। ଆଗ ହାତ ଧୋଇ ନ ଥିଲେ କୁଳକୁଞ୍ଚା କରିଥାନ୍ତି କେମିତି ? ବ୍ରଶ୍ ସାରି ବର୍ଥକୁ ଫେରିଲା ବେଳକୁ କ୍ୟାଟରିଂବାଲା ଚା' ନେଇ ଡବାକୁ ଆସିସାରିଥିଲା। ଦୁଇଟଙ୍କିଆ ଗୋଟେ ବଢ଼େଇ ଚା' ନେଲି। ଟ୍ରେନ୍‌ରେ କେଡ଼େ ଭଲ ଚା' ମିଳେ, ଚା' ସଉକିଆଙ୍କୁ ମନେ ପକେଇଦେବା ଦରକାର ନାହିଁ। ସେ ଯାହାହେଉ, ସୁଡୁକାଏକୁ ଟଙ୍କାଏ ଜ୍ଞାନରେ ଦୁଇ ସୁଡୁକା ପିଇଲା ପରେ କପ୍‌ଟାକୁ ବାହାରକୁ ଫୋପାଡ଼ି ଦେଲି।

କିଛି ଲୋକ ଓହ୍ଲେଇବାକୁ କବାଟ ପାଖରେ ଆସି ଭିଡ଼ କଲେ। ସେମାନଙ୍କ କଥାବାର୍ତ୍ତାରୁ ଅମ୍ବାଦଲା ଷ୍ଟେଶନ ଆସୁଥିବାର ଜାଣିପାରିଲି। କବାଟ ପାଖରେ ଭିଡ଼ କରୁଥିବା ଲୋକଙ୍କ ଗୋଡ଼ ତଳକୁ ବୁଢ଼ୀ ବସିଥିଲା। ମୁଁ ତା' ଜାଗାରେ ଥିଲେ ସମ୍ଭବତଃ ଅଣନିଃଶ୍ୱାସୀ ଅନୁଭବ କରୁଥା'ନ୍ତି। ବୁଢ଼ୀ କିନ୍ତୁ ନିର୍ବିକାର ହେଇ ବସିଥିଲା, ଲୋକଙ୍କ ଗୋଡ଼



ସନ୍ଧିଦେଇ ବାହାରକୁ ନାସଛେପ ପକାଉଥିଲା।

'ଭୈୟା, କୌନସା ଷ୍ଟେଶନ୍ ହୈ ?'

ଉପର ବର୍ଥରୁ ଚାଦର ଭିତରୁ ମୁହଁକାଢ଼ି ଅଭଦ୍ର ଲୋକଟା ମତେ ପୁଣି ବିରକ୍ତ କଲା। ଏଥରକ ସିଏ କିନ୍ତୁ ମୋ' ଉତ୍ତରକୁ ଅପେକ୍ଷା କରି ରହିଲା। ମୋ'ର ତା' ଉପରେ ରାଗ ହେଲା। ଉତ୍ତରଦେଲି...

'ମୁନିଗୁଡ଼ା' ଟ୍ରେନ୍ ରହିସାରିଥିଲା। ଅଭଦ୍ର ଲୋକଟା ମୁଣ୍ଡ ଝୁଲେଇ ବାହାରକୁ ଦେଖିବାକୁ ଚେଷ୍ଟା କଲା ଏବଂ ଜାଣିପାରିଲା ଯେ ଷ୍ଟେଶନଟା ମୁନିଗୁଡ଼ା ନୁହେଁ, ଅମ୍ବାଦଲା। ମତେ ଅସନ୍ତୁଷ୍ଟ ହେଇ ଚାହିଁ କହିଲା...

''ଅମ୍ବାଦଲା ଆ ଚୁକା ହୈ। ଆପନେ ମୁନିଗୁଡ଼ା କ୍ୟୋଁ ବୋଲା ?''

''ଅଧା ଘଣ୍ଟା ପହଲେ ଆପନେ ମୁଝସେ ସୱାଲ କିୟା ଥା। ଲେକିନ୍ ଜୱାବ୍ ସୁନେବିନା ହି ଆପ୍ ସୋ ଗୟେ ଥେ। ୟେ ଜୱାବ୍ ଉସି ସୱାଲକା ହୈ।''

''ଠିକ ହୈ ଭୈୟା, ମାଫ୍ କୀଜିୟେ। ଆପସେ ତୋ ମେରା ପୁଛନା ହି ଗଲତ୍ ହୋ ଗୟା।'' ରାଗ ଶୁଝେଇ ପାରିଥିବାରୁ ମନ ଭିତରେ ସନ୍ତୋଷ ଅନୁଭବ କରୁଥିଲି ମୁଁ। ନିଜ ଚେହେରାରେ ହସହସ ଅଭିବ୍ୟକ୍ତି ଦେଖେଇ ଅଭଦ୍ର ଲୋକଠାରୁ ମୁହଁ ବୁଲେଇନେଲି। ଟ୍ରେନ୍ ଗଡ଼ିବାକୁ ଲାଗିଲା ଆଉ ତା' ସାଙ୍ଗେସାଙ୍ଗେ ମତେ ଭୋକ ହେବାକୁ ଆରମ୍ଭ କଲା। ଆଉ ବସିପାରିଲିନି, ବର୍ଥରୁ ପୁଣି ଉଠିଗଲି କବାଟ ପାଖକୁ। ସେତିକିବେଳେ ବୁଢ଼ୀ ପାଛିଆ ଉପରୁ ଘୋଡ଼ିଆ ହେଇଥିବା ମଇଳା କନା କାଢ଼ି ଝଡ଼ାଝଡ଼ି କଲା। ଦେଖିଲି, ପାଛିଆରେ ସପେଟା ଭର୍ତ୍ତି ହେଇଥିଲା। ମୋ'ର ସପେଟା ଖାଇବାକୁ ଇଚ୍ଛା ହେବାରୁ ବୁଢ଼ୀକୁ ପଚାରିଲି...

''ବିକ୍ରି ପାଇଁ ନଉଛ ? କି ହିସାବରେ ଦଉଛ ?''

''ଟଙ୍କାରେ ଗୋଟେ।'' ତା' ହାତକୁ ଦୁଇ ଟଙ୍କାଟିଏ ବଢ଼େଇ ଦେଇ ଅପେକ୍ଷାକୃତ ବଡ଼ବଡ଼ ଦୁଇଟି ସପେଟା ଉଠେଇନେଲି ପାଛିଆରୁ। ଛାତି ପକେଟରେ ଗୋଟେ ପୂରେଇ ଅନ୍ୟଟିକୁ ଫାଳ କଲି। ଚୋପା ଛଡ଼େଇ ଖାଇଲେ ହାତ ଅଠାଅଠା ହବ ବୋଲି ଫାଳମଝିରୁ ଦାନ୍ତ ଲଗେଇ ଖାଇଲି। ଖାଇବାମାତ୍ରେ ବୁଝିଗଲି, ମୁଁ ଭୁଲ ସପେଟା ବାଛିଥିଲି। ସେଗୁଡ଼ା ଟିକେ କଞ୍ଚାକଞ୍ଚା ଥିଲା। ବୁଢ଼ୀ ମୋ' ମୁହଁ ଦେଖୁଥିଲା ବୋଧହୁଏ, ଜାଣିଗଲା ଅସୁବିଧା କ'ଣ। ମତେ ଆଦେଶ ଦେଲା ପରି କହିଲା...

''ପାଚିଲା ଚିହ୍ନି ପାରୁନୁ, ନିଜେ ବାଛିନେଲୁ କାହିଁକି ? ଦେ।''

ମୁଁ ବାଧ୍ୟ ପିଲାଟିଏ ପରି ଦ୍ୱିତୀୟ ସପେଟାଟିକୁ ପକେଟରୁ କାଢ଼ି ତା' ପାଛିଆରେ ଥୋଇଦେଲି। ବୁଢ଼ୀ ନିଜେ ଦୁଇଟା ସପେଟା ବାଛିଲା, ଶୁଙ୍ଘିଲା ଆଉ ମତେ ବଢ଼େଇଦେଲା। ମୁଁ ମୋ' ଷ୍ଟାଇଲ୍‌ରେ ଫାଳ କରି ଖାଇବାକୁ ଲାଗିଲି। ବୁଢ଼ୀକୁ ମୋ' ଖିଆ ଷ୍ଟାଇଲ୍ ବୋଧହୁଏ ଭଲ ଲାଗିଲାନି। ମନେମନେ ସିଏ କ'ଣ କ'ଣ ବଡ଼ବଡ଼େଇ କହିବାକୁ ଲାଗିଲା। ଗୋଟେ ସପେଟା ନିଜ ପାଛିଆରୁ ନେଇ ଚୋପା ଛଡ଼େଇ ମୋ' ହାତରେ ଜବରଦସ୍ତ ଧରେଇଦେଲା।

''ତୁ ଖାଇଜାଣିନୁ କି ? ମଝିରୁ ପୁଳେ ଖାଉଚୁ ଆଉ ଫିଙ୍ଗି ଦେଉଛୁ ? ମୁଁ କେମିତି ଛଡ଼େଇଛି ଦେଖ୍। ସେମିତି ଛଡ଼େଇ ଖା'।'' ବୁଢ଼ୀର ତୋଡ଼ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି। ମନେମନେ ଭାବିଲି...

''ଆରେ ଆରେ... ବୁଢ଼ୀ ମତେ ଧମକେଇଲାଣି କ'ଣ ? ମୁଁ ହକ୍ ପଇସା ଦେଇ କିଣିଛି, ଯେମିତି ଇଚ୍ଛା ସେମିତି କରିବି। ଖାଇଲେ ଖାଇବି, ଫିଙ୍ଗିଲେ ଫିଙ୍ଗିବି। ବୁଢ଼ୀ କହିବାକୁ କିଏ ? ମଇଳା ହାତରେ ସପେଟା ଛଡ଼େଇ ମତେ ଖା' ବୋଲି କହୁଛି ? କହିବାକୁ ସାହସ କଲା କେମିତି ?''

''ମିଠାଟା, ବାଛିକି ଦେଇଚି। ଦେଖୁଚୁ କ'ଣ ? ଖା'।''

କହିବା ସାଙ୍ଗେସାଙ୍ଗେ ବୁଢ଼ୀ ମୋ' ହାତକୁ ଦେଇଥିବା ଚୋପାଛଡ଼ା ସପେଟା ନେଇ ତାକୁ ମୋ' ପାଟିରେ ପୂରେଇ ଦେଲା। ଏ ଅପ୍ରତ୍ୟାଶିତ ଘଟଣାରେ ସ୍ତବ୍ଧ ହେଇଗଲି ମୁଁ। ବୁଢ଼ୀର ମଇଳା ହାତ ପୁଣି ମୋ' ପାଟି ପର୍ଯ୍ୟନ୍ତ ? ଦେହ ଥରିଉଠିଲା ମୋ'ର ଏବଂ ମୋ'ର ବୁଢ଼ୀ ପ୍ରତି ଥିବା ଘୃଣା ଏବଂ ବିରକ୍ତି ହଠାତ୍ ବହୁଗୁଣିତ ହୋଇଗଲା। ଲାଗିଲା, ଯେମିତି ମୋ' ଦେହ ମନ ଆତ୍ମା ପର୍ଯ୍ୟନ୍ତ ମଇଳା ହେଇଗଲା। ପାଟିରୁ ବାନ୍ତି ଓକାର ଆସୁଥିଲା। କିଏ ଦେଖିଲେ କ'ଣ ଭାବିବ ବୋଲି ବାନ୍ତି ଅଟକେଇବାକୁ ଚେଷ୍ଟା କଲି। ବାନ୍ତି ତ ରହିଗଲା, ହେଲେ କଷ୍ଟରେ ମୋ' ଆଖିରୁ ଲୁହ ଝରିଗଲା। ବୁଢ଼ୀ ମୋ' ଆଖିରେ ଲୁହ ଦେଖିଲା କି କ'ଣ, ମୋ' ମୁହଁକୁ ଅନେଇ ରହି ଆବେଗମୟ ଭାବନାରେ ହଜିଯାଇଥିଲା। ବୋଧହୁଏ, ବୁଢ଼ୀ ମୋ' ଲୁହର ଭୁଲ ଅର୍ଥ ବୁଝିଥିଲା। ସିଏ କ'ଣ ଭାବୁଥିଲା ମୁଁ ଜାଣିପାରିବା ସମ୍ଭବ ନ ଥିଲା। ଗୋଟେ ପରେ ଗୋଟେ ସପେଟା ଛଡ଼େଇ ମୋ' ହାତରେ ଦେବାକୁ ଲାଗିଲା। ତାକୁ ମନା କରିବାକୁ ମୋ'ର ସାହସ ହେଉ ନ ଥିଲା। ଅଗତ୍ୟା ଯାହା ଦେଲା, ଖାଇଗଲି ମୋ'ର ପେଟ ପୂରିବା ପର୍ଯ୍ୟନ୍ତ। ଆଉ ପାରିବିନି ବୋଲି ତା'କୁ ଠାରି କହିଲି। ଦେଖିଲି, ମତେ ଖୁଏଇ,ଖୁଏଇ ତା'ର ହାତ ସଫା ହେଇସାରିଥିଲା। ତା' ମଇଳା ହାତ ଯୋଗୁ ମୋ'ର ପେଟ ଖରାପ ହେଇପାରେ ବୋଲି ମାନସିକ ଭାବେ ମୁଁ ନିଜକୁ ପ୍ରସ୍ତୁତ କରି ନେଇଥିଲି। କେତେ ସପେଟା ଖାଇଲି ମୋ'ର ମନେ ଠିକ୍ ପଡୁ ନ ଥିଲା। ଏଣୁ ଭାବିଲି, ଦଶ ଟଙ୍କା ଦେଇଦେବି। ମୁଁ ମୁହଁ ଧୋଇ ବର୍ଥକୁ ଫେରିଲି।

''ଭୈୟା, ଚୀକୁ ମୀଠା ହୈ କ୍ୟା ?'' ଉପର ବର୍ଥରୁ ଅଭଦ୍ର ଲୋକଟା ପୁଣି ମୁହଁ ଖୋଲିଲା। ''ହାଁ, ହୈ। ତୋ ?''

''ଆପ୍ ଖା ରହେ ଥେ ତୋ ମୈଁ ଦେଖକେ ହୈରାନ ହୋ ଗୟା। ଆପ୍ ଇତନା ମୀଠା ଖା କୈସେ ଲେତେ ହୋ ? ଉଲଟି ନହୀଁ ଆତି କ୍ୟା ?''

''ନହିଁ ଆତି। ଆପ୍‌କୋ ଆତି ହୈ ତୋ କଭି ମତ୍ ଖାନା।'' ''ମୈଁ ତୋ ମିଠି ଚିଜୋଁକୋ ଦେଖ୍‌ତା ହି ନହିଁ।'' ''ଆଚ୍ଛା ହୈ, ମରନେସେ ବଚ୍ ଗୟେ ଆପ୍।''

କେଁକେଁକରି ବ୍ରେକ୍ ମାରିମାରି ଧୀର ହେଇଯାଉଥିଲା ଟ୍ରେନ୍। ଆଗକୁ ନର୍ଲାରୋଡ୍ ଷ୍ଟେଶନ ଆସିବାର ଥିଲା। ବୁଢ଼ୀ ନିଜ ପାଛିଆ ଉପରେ କନା ଘୋଡ଼େଇ ସାରିଥିଲା। ତା' ହାବଭାବରୁ ଅନୁମାନ କଲି, ସିଏ ଏଥର ଓହ୍ଲେଇ ଯାଇପାରେ। ତା'କୁ ତା' ପଇସା ଦେଇଦେବାକୁ ଦଶ ଟଙ୍କିଟିଏ କାଢ଼ି ଗଲି।

''ନିଅ ତମ ପଇସା। କେତେଟା ସପେଟା ଦେଲ ମନେନାହିଁ, ଅନୁମାନ କରି ଦଶ ଟଙ୍କା ଦେଉଛି।'' ବୁଢ଼ୀ ମୋ' ମୁହଁକୁ ଆଶ୍ଚର୍ଯ୍ୟ ହେଇ କିଛି କ୍ଷଣ ଚାହିଁଲା ଏବଂ ବାହାରକୁ ମୁହଁ ବୁଲେଇନେଲା। ତା' ଚାହାଣିରୁ ଅନୁମାନ କଲି ମୋ'ର ପଇସା ଯାଚିବାରେ ବୁଢ଼ୀକୁ ଖରାପ ଲାଗିଛି।

ହେଲେ କାହିଁକି ? ପଇସା ନିଅ କହି ମୁଁ କି ଭୁଲ କଲି ଜାଣିପାରିଲିନି। ତା' ପଇସା ତା'କୁ ନ ଦେଇଥାନ୍ତି କେମିତି ? ଗରିବ ବୁଢ଼ୀର ଜୀବିକା ଏଇଟା। ଜିନିଷ ବିକି ପଇସା ନ ନେଲେ ସେ ବଞ୍ଚିବ କେମିତି ? ସେ ଅନ୍ୟାୟ ମୁଁ କରିପାରି ନ ଥା'ନ୍ତି।

ପୃଷ୍ଠା-୬

ବିଶେଷ ଗଳ୍ପ

# ଲୁହର ପରିଭାଷା

ଗିରୀଶ ସାହୁ

ଏ ସଂସାରରେ ଅପେକ୍ଷାଠୁଁ ବିରକ୍ତିକର ଯନ୍ତ୍ରଣା ଆଉ କିଛି ନାହିଁ। ପୁଣି ସାଢ଼େ ସାତ ଘଣ୍ଟା କଲେଜରେ ଡିଉଟି ସାରି ବସ୍‌କୁ ଅପେକ୍ଷା କରିବା ଆଉ ନିର୍ଦ୍ଦିଷ୍ଟ ସମୟରେ ଚାଲୁଥିବା ବସ୍ ନ ଆସିବା କେତେଯେ ମନକୁ ଦିକ୍‌ଦାର ଲାଗେ, ତାହା କେବଳ ଅନୁଭବୀମାନେ ହିଁ କହି ପାରିବେ।

ସମ୍ବିତ୍ ବଡ଼ ଅସ୍ୱସ୍ତି ଅନୁଭବ କରୁଥିଲେ। ଝାଳୁଆ ଦେହଟା ପାଇଁ ଗଞ୍ଜି ଓ ଶାର୍ଟ ଓଦା ହୋଇ କେମିତି ଗୋଟେ ବିଚିକିଟିଆ ଗନ୍ଧ ନାକକୁ ରୁନ୍ଧି ଦେଉଥିଲା।

ଆଗରୁ ଧପାଳି ଆସୁଥିଲା ରମେଶ। ତୁଳସୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ। ସମ୍ବିତ୍‌ର ବହୁ ପରିଚିତ ମୁହଁ ଓ ଅନ୍ତରଙ୍ଗ।

''ସାର୍! ନମସ୍କାର। ତିନି ମୁହାଣିରେ କେତେବେଳୁ ଅପେକ୍ଷା କଲେଣି?''– ହସହସ ମୁହଁରେ ପଚାରିଥିଲା ରମେଶ।

କୁହନି ସେ କଥା, ପଇଁଚାଳିଶ ମିନିଟ୍ ହୋଇଗଲା, କୌଣସି ବସ୍ ନାହିଁ। ସ୍ୱାଇଁ ବସ୍ ନାହିଁ କି ପପୁ ବସ୍ ନାହିଁ।– ଚିଡ଼ିଚିଡ଼ା ସ୍ୱରରେ ସମ୍ବିତ୍ କହିଲେ।

ଠିକ୍ ଏହି ସମୟରେ ଗୋଟେ ଅଟୋ ପଙ୍ଗାପୋଲରୁ ଗଡ଼ିଲା। ବଜାର ଭିତରକୁ ନ ପଶି କଟକ ରାସ୍ତାକୁ ମୁହାଁଇ ଆଗକୁ ଯାଇ ଅଟକିଗଲା।

ସମ୍ବିତ୍ ଓ ରମେଶ ଦୁହେଁ ଦୌଡ଼ିଦୌଡ଼ି ଯାଇ ବସିପଡ଼ିଲେ ଅଟୋଚାଳକକୁ କିଛି ନ ପଚାରି। ପଛକୁ ଅନେଇଲାବେଳକୁ ପପୁ ବସ୍ ଷ୍ଟାଣ୍ଡରେ ଲାଗିଲାଣି।

ଅଟୋଚାଳକ ପିଲାଟି ଆଉ ଅପେକ୍ଷା ନ କରି ଅଟୋ ଷ୍ଟାର୍ଟ କରି ଚାଲିଲା। ଆଉ କେହି ପାସେଞ୍ଜର ଉଠିଲେ ନାହିଁ।

ସେମିତି ହସହସ ମୁହଁ ରମେଶର ଅଥଚ ଦୁଃଖ, ଅବସାଦରେ ଶଢୁଥିଲେ ସମ୍ବିତ୍। ''ଏ ସରକାର ଆମକୁ ମାରିଦେବ? ଆଉ ସାତଟା ମାସ କେମିତି ସରିବ ଠାକୁର ଜାଣନ୍ତି। ଯେଉଁମାନେ ଅବସର ନେଇଗଲେ, ସେମାନେ ଏବେ ସରକାରୀ ଚାକିରିଆ। ମାସର ପୂର୍ବଦିନ ପେନ୍‌ସନ୍ ଗଣ୍ଡାକ ମିଳିଯାଉଛି। ଆଉ ଯିଏ ରହିଲେ ଖଟିଖଟି ନାକେଦମ୍। ଷ୍ଟାଫ୍ ନ ଥିବାକୁ ଦୁନିଆଯାକର କାମ ଲଦି ଦିଆଯାଇଛି। ଆଚ୍ଛା! ତମେ ବସାକୁ କେବଳ ରାତିରେ ଶୋଇବାକୁ ଯାଉଛ? ମୋ' କଥା ଠିକ୍ ନା ଭୁଲ୍?'' – ସମ୍ବିତ୍ ପଚାରିଦେଇ ରମେଶ ମୁହଁକୁ ଚାହିଁଲେ ତା'ର ପ୍ରତିକ୍ରିୟା ଜାଣିବା ପାଇଁ।

ବୁଝିଲେ ସାର୍! କାନ୍ଧରେ ପଡ଼ିଲେ ସମସ୍ତେ ବଜେଇ ଶିଖିବେ। ସାଧାରଣ କଥାରେ ଭାଙ୍ଗିପଡ଼ିଲେ ହେବ। ଆଗରୁ ଅଧକ୍ଷମାନେ କହୁଥିଲେ। ଆମେ ଷ୍ଟାଫ୍ କାଉନ୍‌ସିଲ ମିଟିଂରେ ତା'ର ତୀବ୍ର ପ୍ରତିବାଦ କଲେ। ଏବେ ସରକାର ନିୟମ କଡ଼ାକଡ଼ି କଲେ। ଆମେ ମାନିବାକୁ ବାଧ ହେଲେ। ଛାଡ଼ନ୍ତୁ ସେ କଥା ସାର୍! ଜୀବନ ଏକ ଲମ୍ବା ଯାତ୍ରା। ଦୁଃଖରେ ଚାଲିଲେ ବହୁତ ଦୀର୍ଘ ଲାଗିବ, ଆଉ ହସିହସି ଚାଲିଲେ ରାସ୍ତା କେତେବେଳେ ସରିଯିବ ଜଣାପଡ଼ିବ ନାହିଁ। ଆପଣଙ୍କ ଲେଖାଲେଖି କେମିତି ଚାଲିଛି କୁହନ୍ତୁ ସେ କଥା।'' – ରମେଶ ହସହସ ମୁହଁରେ କହିଲେ।

ସମ୍ବିତ୍ ତାଙ୍କଠାରୁ ବୟସରେ ଯଥେଷ୍ଟ ସାନ ପିଲାଠାରୁ ଠୋକର ଖାଇ ଏକଦମ୍ ଚୁପ୍ ହୋଇଗଲେ। ୟୁଜିସି ଦରମା ତାଙ୍କର। ରମେଶର ବ୍ଲକ ଗ୍ରାଣ୍ଟ୍ ଦରମା।

ସତରେ ଲେଖକଟିଏ ହୋଇ ସେ ଏତକ ବୁଝିପାରିଲେ ନାହିଁ କେମିତିଯେ, ଖୁସି କେଉଁଠି ଅଛି ନ ଜାଣି ସମସ୍ତେ ବ୍ୟସ୍ତ ହୋଇ ତାହାକୁ ଏଠିସେଠି ଖୋଜନ୍ତି। ପ୍ରକୃତରେ ଆମ ଖୁସି ଅନ୍ୟପାଖରେ ଥାଏ– ଅନ୍ୟକୁ ତାଙ୍କ ଖୁସି ଦେଇଦେଲେ ନିଜେ ନିଜର ଖୁସି ପାଇଯିବ।

ସମ୍ବିତ୍ ଟିକେ ହାଲ୍‌କା ଅନୁଭବ କଲେ। ରମେଶର ଦର୍ଶନ ଚମତ୍କାର। ଆଶ୍ୱିନ ମାସର ଖରା ମଉଳି ଯାଇ ପୃଥିବୀସାରା ଗୋଧୂଳିର ରଙ୍ଗ ଶୋଭା ପାଉଥିଲା। ରାସ୍ତା ମଝିରେ ଠାଏଠାଏ କାଶତଣ୍ଡୀ ଫୁଲ ହସିହସି ହାଲ୍‌କା ପବନରେ ନଇଁ ପଡୁଥିଲେ। ମନେହେଉଥିଲା, ସେମାନେ ମଥାନଇଁ ସୂର୍ଯ୍ୟ ଦେବତାଙ୍କୁ ପ୍ରଣାମ କରୁଥିଲେ। ଶରତ ଆକାଶରେ ଛିଣ୍ଡାଛିଣ୍ଡା ବାଦଲ ଦୋଳି ଖେଳୁଥିଲେ।

ଅଟୋଚାଳକ ପିଲାଟି ତା' ନୂଆ ଅଟୋଟିକୁ ବେପରୁଆ ହୋଇ ଚଲଉଥିଲା। ଯେମିତି ଅଟୋ ନୁହେଁ, ସେ ମନପବନ ଡଙ୍ଗାର ନାବିକ। ବାଟରେ କେଉଁଠି ରହିଲା ନାହିଁ।

ହଠାତ୍ ସୁକରପଡ଼ା ଓ କଟରପଡ଼ା ମଝାମଝି ରାସ୍ତାରେ ଜଣେ ସ୍ତ୍ରୀଲୋକ ଠିଆହୋଇ ଏତେ ଜୋର୍‌ରେ ହାତକୁ ହଲାଉଥିଲା, ସମ୍ବିତ୍‌ଙ୍କର ନଜର ପଡ଼ିବାକ୍ଷଣି ସେ ଅଟୋଚାଳକ ପିଲାଟିକୁ ଅଟୋ ଅଟକାଇବାକୁ ଏକରକମ ବାଧ୍ୟ କଲେ।

ତା'ପାଖରେ ପହଞ୍ଚିବାକ୍ଷଣି ସମ୍ବିତ୍ ପଦାକୁ ମୁହଁ କାଢ଼ି ପଚାରିଥିଲେ, 'କୁଆଡ଼େ ଯିବ?' ସ୍ତ୍ରୀଲୋକଟି କିଛି ନ କହି ଛୋଟ ପୁଅଟିକୁ ସମ୍ବିତ୍‌ଙ୍କ ହାତକୁ ଟେକିଦେଇ ଅଟୋରେ ବସିପଡ଼ିଲା। ବାଧହୋଇ ସମ୍ବିତ୍ ଆଉଟିକେ ଘୁଞ୍ଚି ବସିଲେ ରମେଶ ପାଖକୁ।

ସ୍ତ୍ରୀଲୋକଟିର ଦୀର୍ଘଶ୍ୱାସ କେବଳ ଶୁଣିପାରୁଥିଲେ ସମ୍ବିତ୍।

''କୁଆଡ଼େ ଯିବ?'' – ଧୀର ସ୍ୱରରେ ସମ୍ବିତ୍ ପଚାରିଥିଲେ।

''ପଣସପୁର।'' – ସ୍ତ୍ରୀଲୋକଟି ବିକଳ ହୋଇ କହିଥିଲା।

''ପଣସପୁର ଯିବାକୁ ହେଲେ ତମେ ସିଧା ଦୁହୁରିଆ ପର୍ଯ୍ୟନ୍ତ ଯାଇ ନ୍ୟାଶନାଲ ହାଇୱେରେ ବାଲିଚନ୍ଦ୍ରପୁରକୁ ବସ୍‌ରେ ଯାଇପାରିଥାଆନ୍ତ। ଏ ରାସ୍ତାରେ ଗଲେ ସାଲେପୁର ପର୍ଯ୍ୟନ୍ତ ଯାଇପାରିବ। କୌଣସି ଗାଡ଼ି ନ ପାଇଲେ ହଇରାଣ ହେବ। ଏ ପଟରେ କାହିଁକି ଆସିଲ?'' ସମ୍ବିତ୍ କହିଥିଲେ।

ସ୍ତ୍ରୀଲୋକଟି ବିବ୍ରତ ଥିଲାପରି ଜଣାପଡୁଥିଲା। ତା' ମୁହଁରେ ଥିଲା ଅହେତୁକ ଭୟର ଛାପ। ସେ ଖାଲି ଓଢ଼ଣା ମୁହଁରେ ପଛକୁ ବୁଲି ଚାହୁଁଥାଏ। ତା' କୋଳରେ କଉତୁକିଆ ଠେକୁଆ ଛୁଆପରି ଟିକି ପୁଅଟା କନକନ ଆଖିରେ ସମ୍ବିତ୍‌ଙ୍କୁ ଚାହୁଁଥିଲା।

ଓଢ଼ଣାତଳୁ ସମ୍ବିତ୍ ସ୍ତ୍ରୀଲୋକଟିର ମୁହଁର ଭାଷାକୁ ଓ ତା'ର ନୀରବତାକୁ ଯେମିତି ବୁଝିପାରିଥିଲେ। ହଠାତ୍ ତାଙ୍କ ପାଟିରୁ ବାହାରିପଡ଼ିଲା, କ'ଣ ଘରୁ ରାଗିକି ପଳାଇଆସିଛ କି?

ଏଇ ଆଶ୍ୱାସନା ବାଣୀଟିକକ ଶୁଣି ଝରଝର କାନ୍ଦି ପକେଇଲା ସ୍ତ୍ରୀଲୋକଟି। ଆଖିର ଲୁହ କେଇବୁନ୍ଦା କଅଁଳ ଛୁଆଟା ଉପରେ ପଡ଼ିଲା କି କ'ଣ, ସେ ମା' ଆଖିର ଲୁହ ଦେଖି ତାଟଙ୍ଗା ପାଲଟି ଯାଇଥିଲା।

''ଥାଉଥାଉ ଆଉ କାନ୍ଦନି।'' ଭୟମିଶ୍ରିତ କଣ୍ଠସ୍ୱରରେ ସମ୍ବିତ୍ ବୁଝେଇଲେ।

''କେତେ ମାଡ଼ ଆଉ ସହିଥା'ନ୍ତି! ଆଉ ସହି ପାରିଲିନି। ପାଞ୍ଚଣରେ କେମିତି ବାଡ଼େଇଛନ୍ତି ମୋତେ ଦେଖନ୍ତୁ।'' ଏହା କହି ଘୋଡ଼େଇଥିବା ପିଠିରୁ ଲୁଗାକୁ କାଢ଼ି ଦେଖାଇଲା ସ୍ତ୍ରୀଲୋକଟି କୌଣସି ଲଜ୍ଜା ଓ ସଙ୍କୋଚ ନ ରଖି। ଓଢ଼ଣା ଟେକି ଦେଇସାରିଥାଏ ଏହା ଭିତରେ।

ପାହାଡ଼ର ଛାତି ବି ଚଡ଼ଚଡ଼ ହୋଇ ଫାଟିଯିବ ସେ ଦୃଶ୍ୟ ଦେଖିଲେ। ଗଛର ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯିବ। ପଶୁମାନଙ୍କର ପାକୁଳି ବନ୍ଦ ହୋଇଯିବ। ଆଉ ମଣିଷଙ୍କ କଥା! ସେ ତ ରକ୍ତ ମାଂସ ନରମା ଶରୀରରେ ଗଢ଼ା।

ଛଳଛଳ ହୋଇ ଉଠିଲା ତିନିଜଣଙ୍କ ଆଖି। ପ୍ରତ୍ୟେକ ପ୍ରତ୍ୟେକଙ୍କଠାରୁ ଲୁଚେଇ ଲୁହ ପୋଛୁଥିଲେ। ଭରସା ପାଇ କାନ୍ଦିକାନ୍ଦି ସ୍ତ୍ରୀଲୋକଟି କହିଲା, ''ଗୋ' ବାହାଘର ଚାରିବର୍ଷ ହେଲାଣି। ପିଲାଟାକୁ ଦୁଇବର୍ଷ ଚାରିମାସ ଚାଲିଛି। ଟିକେ ଆଉ ଜୋର୍‌ରେ ଗାଡ଼ି ଚଳାଅ ଭାଇ।'' ଡ୍ରାଇଭର ପିଲାଟି ଉଦ୍ଦେଶ୍ୟରେ ବିନୀତ ହୋଇ କହିଲା ସ୍ତ୍ରୀଲୋକଟି। ମୋ' ସ୍ୱାମୀଙ୍କର ଗୋଟେ ଅଟୋ ଅଛି। ସେ କେଉଁଠୁ ଯଦି ଖବର ପାଇଯିବେ, ଦୈବାତ୍ ମୋ' ସହ ଭେଟ ହୋଇଗଲେ ମୋତେ ଜୀବନରୁ ମାରିଦେବେ। ଖାସ୍ ସେଇଥିପାଇଁ ମୁଁ ସେପଟରେ ନ ଯାଇ ଏପଟ ରାସ୍ତାରେ ଆସିଲି।

ଅଟୋଚାଳକ ହଠାତ୍ ଅଟୋ ଅଟକାଇ ଦେଲା ଏବଂ ପଛକୁ ଅନେଇ କହିଲା, ''କ'ଣ ହେଲା? ମାରିଦେବ। କମ୍ ସାହସ ନୁହଁ ତ। ଆସୁ ତ ସେ ବେଇମାନ ମୋ' ଆଗକୁ। ଛୁଉଁତ ତମକୁ ଥରେ ମୋ' ସାମ୍ନାରେ। ତାକୁ ଯଦି ସାବାଡ଼ କରି ନ ଦେବି ତେବେ ମୁଁ ରାଷ୍ଟ୍ରପତିପ୍ରାପ୍ତ ପ୍ରଧାନଶିକ୍ଷକଙ୍କର ପୁଅ ନୁହଁ ବୋଲି ଆଜିଠୁଁ ପ୍ରମାଣ ପାଇବେ ସମସ୍ତେ।''

ହାଁ ହୋଇ ସମ୍ବିତ୍ ଓ ରମେଶ ଚାହିଁଥିଲେ ଅଟୋଚାଳକ ପିଲାଟିକୁ। ନିଆଁ ଜଳୁଥିଲା ସେ ମୁହଁରେ। କି ଦମ୍ଭୋକ୍ତି, କି ଦୃଢ଼ତା ଓ ସାହସ ମଣିଷ ଭିତରେ ଥାଇପାରେ। ଆକଳନ କରୁଥିଲେ ଦୁହେଁ ମନେମନେ।

ପବନ ବେଗରେ ଛୁଟେଇ ସାଲେପୁରରେ ପହଞ୍ଚି ସାରିଥିଲା ଅଟୋ। କୁଆଁପାଳ ରାସ୍ତାରେ ଗୋଟେ ମ୍ୟାଜିକ୍ ଯୋଗକୁ ବାହାରିଥିଲା ବାଲିଚନ୍ଦ୍ରପୁର।

ସମ୍ବିତ୍ ଓ ଅଟୋଚାଳକ ପିଲାଟା ଓହ୍ଲେଇ ପଡ଼ିଥିଲେ। ପୁଅକୁ କାଖେଇନେଲା ଅଟୋ ଚାଳକ। ସମ୍ବିତ୍ ଓ ସ୍ତ୍ରୀଲୋକଟି ରାସ୍ତା ପାର୍ ହୋଇ ଆରପାଟକୁ ଗଲେ।

ଅଟୋଚାଳକ ପିଲାଟାକୁ ଚୁମା ଦେଲା। ସ୍ତ୍ରୀଲୋକଟାଠାରୁ ଭଡ଼ା ଟଙ୍କା ରଖିଲା ନାହିଁ। ଗଡ଼ ଜୟ କରି ରାଜା ଫେରିଲା ପରି ନିଜ ରାଜ୍ୟକୁ, ଅଟୋଚାଳକ ପିଲାଟା ଆସି ତା' ଅଟୋରେ ବସିଲା ଓ ଶାନ୍ତିରେ ନିଃଶ୍ୱାସ ନେଲା।



ସମ୍ବିତ୍ ମନଭରି ଦୃଶ୍ୟଟିକୁ ଖାଲି ଉପଭୋଗ କଲେ ନାହିଁ। କେମିତି ଗୋଟେ ଅହେତୁକ ଭାବପ୍ରବଣତାରେ ଛଳଛଳ ହୋଇଯାଇଥିଲେ, ଅଟୋଚାଳକ ପିଲାଟାର ଉଦାରପଣ ପାଇଁ।

''ସାର୍! ଆପଣ କେଉଁଠି ଓହ୍ଲେଇବେ?'' – ଟିକେ ଚା' ପିଇଥା'ନ୍ତି ବୋଲି ପିଲାଟି କହିଲା।

''ଚାଲଚାଲ। ଟିକେ ଆଗରେ ମୁଁ ଓହ୍ଲେଇବି। ସେଇଠି ଚା' ପିଇବା।''– ସମ୍ବିତ୍ କହିଲେ।

ବାଲିସାହିରେ ଅଟୋ ରହିଲା। ସମସ୍ତେ ଓହ୍ଲେଇ ପଡ଼ିଥିଲେ।

ସମ୍ବିତ୍ ଦୋକାନୀ ପିଲାଟିକୁ ଚା' ତିନିକପ୍ ବରାଦ ଦେଲେ। ପାଣି ବଟଲରୁ ପାଣି ପିଇଲେ। ଥଣ୍ଡା ମୋଟେ ପଡ଼ି ନ ଥିଲେ ସୁଦ୍ଧା ସେଦିନ କାହିଁକି ଦେହକୁ ଟିକେ ଥଣ୍ଡାଥଣ୍ଡା ଲାଗୁଥିଲା। ମନରୁ ଆପଣାଛାଏଁ କ୍ଳାନ୍ତି କୁଆଡ଼େ ଉଭେଇ ଯାଇଥିଲା।

'ସାର୍! ଗୋଟିଏ କଥା ପଚାରିବି ପଚାରିବି ବୋଲି ଅନେକବେଳୁ ଭାବିଚି।' ଅଟୋଚାଳକ ପିଲାଟି ଖୁବ୍ ନମ୍ରସ୍ୱରରେ କହିଥିଲା।

''ଗୋଟିଏ କାହିଁକି ଯାହା ମନକୁ ଆସୁଛି ପଚାରିପାର।'' – ସମ୍ବିତ୍ ହସିହସି କହିଥିଲେ। ସାର୍! ଆପଣ କେମିତି ଜାଣିପାରିଲେ ଯେ ସେ ସ୍ତ୍ରୀଲୋକଟି ଘରୁ ରାଗିକି ପଳାଇ ଆସିଛି ବୋଲି? – ପିଲାଟି ପଚାରିଦେଲା।

ହଠାତ୍ ଦୀର୍ଘ ସମୟ ଧରି ନୀରବରେ ବସିଥିବା ରମେଶ ସାର୍ ମୁହଁ ଖୋଲିଲେ– ''ସାର୍‌ଙ୍କୁ ତମେ ଜାଣିନାହଁ ବୋଧେ। ହଁ, ତମେ କେମିତି ବା ଜାଣିବ। ସାର୍ ଜଣେ ଲେଖକ ପରା, ଢେର୍ ଗପ ଓ ଉପନ୍ୟାସ ଲେଖିସାରିଲେଣି।''

ସମ୍ବିତ୍, ରମେଶଙ୍କ କଥାରେ ବାଧାଦେଇ କହିଥିଲେ, 'ନା ନା ସେ କଥା ନୁହେଁ। ଅନ୍ୟର ଭାବନାକୁ ଅନୁଭବ କରିବାର ଶକ୍ତି ଭଗବାନ ମୋତେ ଦେଇଛନ୍ତି। ମୁଁ ସେ ସ୍ତ୍ରୀଲୋକଟିର ମୁହଁକୁ ପଢ଼ିନେଇଥିଲି। ତେଣୁ ତା' ଦୁଃଖରେ ସମ୍ବେଦନଶୀଳ ହୋଇପାରିଥିଲି। ଛୁଆଟିକୁ ବଞ୍ଚେଇ ରଖିବା ପାଇଁ ତା' ବ୍ୟାକୁଳତାକୁ ମୁଁ ବୁଝିପାରିଥିଲି। ତା' ଭିତରେ ଥିବା ମା'ର ମମତାକୁ ମୁଁ ଦେଖିପାରୁଥିଲି। ମୁଁ କ'ଣ କଲି! ମୋ'ଠାରୁ ତୁମେ ତ ବୟସରେ ଏତେ ଛୋଟ ହୋଇ ସୁଦ୍ଧା ତମ ଭିତରେ ଥିବା ଦୃଢ଼ ସଙ୍କଳ୍ପକୁ ମୁଁ ସମ୍ମାନ ନ ଜଣାଇ ରହିପାରୁନାହିଁ। କଥାହେଲା, ଗୋଟେ ଭଲ କାମରେ ବା ଅନ୍ୟର ଦୁଃଖରେ ଭାଗୀଦାରି ହେବା ହିଁ ମଣିଷପଣିଆ। ଏହି ମଣିଷପଣିଆଟିକକ ନ ଥିଲେ ଜୀବନ ଅଧୁରା ରହିଯାଏ। ଜୀବନ ସଙ୍ଗୀତ ହେଲେ ଅନୁଭବ ହେଉଛି ଏହାର ସ୍ୱର। ବୁଝିଲ ବାବୁ! କେହି ଅମରଲଡୁ ଖାଇ ଏ ସଂସାରରେ ବଞ୍ଚି ରହିନାହାନ୍ତି। ସମସ୍ତେ ଦିନେ ନା ଦିନେ ଏ ସଂସାରରୁ ବିଦାୟ ନେବେ। କିନ୍ତୁ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସମସ୍ତେ ଉପଭୋଗ କରିବା ଉଚିତ। ଯେମିତି ଆଜି ଆମେ ଅନୁଭବ କଲେ।

ପିଲାଟି ଅମୃତରସ ପାନ କଲାପରି ଧ୍ୟାନରେ ଶୁଣୁଥିଲା ସମ୍ବିତ୍‌ଙ୍କୁ। କେମିତି କୃତଜ୍ଞତାରେ ଛଳଛଳ ହୋଇଗଲା। ବିନୟରେ ନଇଁପଡୁଥିଲା ତା'ର ମଥା।

ଚା' ପର୍ବ ଏହା ଭିତରେ ସରିଯାଇଥିଲା।

ପକେଟରୁ ଶହେଟଙ୍କିଆଟି କାଢ଼ି ସମ୍ବିତ୍ ବଢ଼େଇ ଦେଲେ ପିଲାଟିକୁ। ପିଲାଟି ଛୁଇଁଲା ନାହିଁ ମୋଟେ ସେ ଟଙ୍କା ବରଂ ସେ ଭକ୍ତିପୂର୍ଣ୍ଣ ପ୍ରଣାମ କରି କହିଲା, ''ବାପା ଅବସର ପରେ ମୋତେ ଏ ଅଟୋଟି କିଣି ଦେଇଛନ୍ତି। ମୁଁ ରାଜଧାନୀ କଲେଜରୁ ରାଜନୀତି ବିଜ୍ଞାନରେ ଅନର୍ସ ରଖି ବି.ଏ. ପାସ୍ କରି ତିନିବର୍ଷ ଚାକିରି ପଛରେ ଦୌଡ଼ିଦୌଡ଼ି ଶେଷରେ ସ୍ୱାଧୀନ ବ୍ୟବସାୟ କରିବା ପାଇଁ ଚାହିଁଲି। ଏବେ ଈଶ୍ୱରଙ୍କ ଦୟା ଓ ଆପଣମାନଙ୍କ ଆଶୀର୍ବାଦରୁ ମୁଁ ଭଲରେ ଅଛି ସାର୍। ଆଜିଭଳି ଏକ ମହାନ୍ ଦିନରେ ମୋତେ କିଛି ପୁଣ୍ୟ ଅର୍ଜନ କରିବାର ସୁଯୋଗ ଦିଅନ୍ତୁ।''

ସମ୍ବିତ୍‌ଙ୍କର ଆଉ କିଛି କହିବାର ନ ଥିଲା। ଦୁହେଁ ନମସ୍କାର ହୋଇ ଅଟୋରେ ବସି ଆଖି ପିଛୁଳାକେ ଅଦୃଶ୍ୟ ହୋଇଗଲେ।

ସମ୍ବିତ୍ ଟିକେ ପଛକୁ ଫେରି କେନାଲ ରାସ୍ତାରେ ଚାଲୁଚାଲୁ ଦେଖିଲେ କାଶତଣ୍ଡୀ ଫୁଲମାନେ ହସୁଛନ୍ତି।

# ଆଶ୍ରୟ

ମୂଳ ହିନ୍ଦୀ: ହିମାଂଶୁ ଯୋଶୀ

ଭାଷାନ୍ତର: କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ

କାଲି ସାରାରାତି ଆଖିକୁ ନିଦ ଆସିଲାନି। ଅନେକ ଅଜବ ପ୍ରଶ୍ନ ମନ ଭିତରେ ବାରମ୍ବାର ପବନଭଳିଆ ଘୁରି ବୁଲିଲେ।

ଏବେ ପର୍ଯ୍ୟନ୍ତ ଯେଉଁମାନେ ବଞ୍ଚିଛନ୍ତି, ସେମାନେ ସାର୍ଥକ ଜୀବନ ବଞ୍ଚିଛନ୍ତି? ଯେଉଁମାନେ ମଲାଭଳିଆ କଷ୍ଟରେ ଏବେ ବଞ୍ଚିଛନ୍ତି, ସେମାନଙ୍କର କିଛି ଉପଯୋଗିତା ରହିଛି?

ଟୁକୁଡ଼ା ଟୁକୁଡ଼ା ହେଇ ବିଭାଜିତ ହୋଇଥିବା ବ୍ୟକ୍ତିତ୍ୱ ଭାବାତ୍ମକତାଠାରୁ ଉର୍ଦ୍ଧ୍ୱକୁ ଉଠି କିଛି ସ୍ୱ ରୂପ ନେବାକୁ ବସିଲାବେଳକୁ ନିଜକୁ ପରଖିନେବାର ସୁଯୋଗ ମିଳିଯାଏ। ତମାମ ଜୀବନ ସଂଘର୍ଷ କରିବା ପଛରେ ଯାହା ଚାହିଁଥିଲି ପୁଣି ନ ଚାହିଁଥିଲି, କ'ଣ ମିଳିଲା ସେକଥା ଜାଣିପାରେନି।

ପତ୍ନୀ ବୃନ୍ଦା କହନ୍ତି– ମୋ' ଜାଣିବାରେ ଆପଣଙ୍କର ଉର୍ଦ୍ଧ୍ୱଗତି କ'ଣ ହେବ? ଆପଣଙ୍କ ପାଖକୁ ଘରର ମୁରବି ବରଣମାଳା ତ ଆସିନି? ଆପଣଙ୍କୁ କିଏ ଭଲ କରିବ? କିଏ ସମ୍ଭାଳିବ?

ଲାଗିଲା ବୃନ୍ଦା ତ ଠିକ୍ କହୁଛନ୍ତି। ଏତେ ପଢ଼ାଲେଖା ପରେ ଜୀବନ ପାଠଶାଳାରେ ପୂରା ଜୀବନ ବିତେଇଲା ପରେ ବି ଧଳା କାଗଜ ଭଳି ଜୀବନର ଅଙ୍କ କଷିବାରେ ଲାଗିଛି। ମାଲୁମ ନାହିଁ ସାରାଜୀବନ କେମିତି କଟିଗଲା!

ବୋହୂ ଶ୍ରେୟାର ଆଗ୍ରହ ଥିଲା ଶାଶୁଙ୍କୁ ଆଉ ଥରେ ଆମେରିକା ବୁଲେଇନବା ପାଇଁ। କହିଲା– ମମି, ଆପଣ ଥରେ ଏଠାକୁ ଆସି ଦେଖନ୍ତୁ ତ ଆମେ କେମିତି ଅଛୁ। ପ୍ରଥମେ ଯେତେବେଳେ ବାବାଙ୍କ ସାଙ୍ଗରେ ଆସିଥିଲେ, ସେତେବେଳେ ଆମର ନୂଆନୂଆ ଘର ମାଲିକ ଥିଲେ। ଏତେ ସୁବିଧା ବି ନ ଥିଲା। ବାବାଙ୍କ ସାଥିରେ ଦିଲ୍ଲୀ, ମୁମ୍ବାଇ, କୋଲକାତା ବହୁଥର ଯାଇଛନ୍ତି, କିନ୍ତୁ ଏଥରକ ଆପଣଙ୍କୁ ଆମ ସାଥିରେ ଯିବାକୁ ହେବ। କଥା ମାନନ୍ତୁ, ଆପଣ କେବେହେଲେ ଭାରାକ୍ରାନ୍ତ ହେବେ ନାହିଁ। ନ୍ୟୁଜର୍ସିରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ଅଛନ୍ତି। କେଉଁଠାରେ ବି ଆପଣଙ୍କୁ ପରଭଳିଆ ଲାଗିବ ନାହିଁ। ଏ ବର୍ଷ ଗଣେଶଜୀଙ୍କ ଏକ ମନ୍ଦିର ତିଆରି ହୋଇଛି, ଯେଉଁଠି ଛୁଟିଦିନମାନଙ୍କରେ ଭଜନ–କୀର୍ତ୍ତନ ହଉଛି। ଆପଣଙ୍କ ନାତୁଣୀ ସୁଇଟ୍ ବି ଆପଣଙ୍କ ସାଥିରେ ଖୁସିରେ ରହିବ। ଗତଥର ଭାରତ ଆସି ଫେରିଯିବାକୁ ଆଦୌ ରାଜିହେଲାନି। କହିଲା– ମମି ତୁମେ ଯାଅ। ମୁଁ ଡାଡିଙ୍କ ସାଥିରେ ଏଠାରେ ରହିବି।

ପିଲାମାନଙ୍କର ବୁଝାମଣା ଏବଂ ବୁଢ଼ା ବାପା–ମା'ଙ୍କ ଅନନ୍ୟୋପାୟ ବୃନ୍ଦା ଭଲ କରି ଜାଣିଥିଲେ। ବୋହୂ ଶ୍ରେୟା ଭଲ କରି ବୁଝିଛି ଦୀର୍ଘ ବେମାରି କାରଣରୁ ବାବା ଚାହିଁଲେ ବି ବାହାରକୁ ଯାଇପାରୁ ନାହାନ୍ତି। ମମି ଯଦି ୬ ମାସ ପାଇଁ ଆସିପାରନ୍ତେ, ତାହାହେଲେ ସୁଇଟ୍‌ର ସମସ୍ୟା କିଛିଦିନ ପାଇଁ ଦୂର ହେଇଯିବ। ପୁଅ ପ୍ରିୟାଂଶୁ ଆଉ ବୋହୂ ଶ୍ରେୟା ଦୁହିଁଙ୍କୁ ସକାଳୁ ସକାଳୁ ଡ୍ୟୁଟିରେ ଯିବାକୁ ପଡ଼େ। ସମସ୍ୟା ହିଁ ସୁଇଟ୍। ମମି ଯଦି ରହନ୍ତି ଆଉ କିଛି ସୁବିଧା ପାଇଯିବେ। କମ୍‌ସେକମ୍ କିଛି ମାସ ପାଇଁ ଭାରତ ଭଳିଆ ସକାଳ ଆଉ ସନ୍ଧ୍ୟାରେ ଗରମ ଖାନା ତ ମିଳିଯିବ। ଘର ଆଉ ଅଫିସର ଦୁଇବେଳା ଡିଉଟିରୁ ବି ମୁକ୍ତି ମିଳିବ।

ବୃନ୍ଦା ଯିବାକୁ ଚାହୁଁ ନ ଥିଲେ। କିନ୍ତୁ ଶ୍ରେୟାର କଥା ରକ୍ଷା କରିବାକୁ ଚାଲିସିନା ଗଲେ, ହେଲେ ଏଠାଭଳିଆ ଲାଗିଲା ନାହିଁ। ବେମାର ହୋଇ ଫେରିଲେ। ଭଲମନ୍ଦ ଯାହା ହଉନା କାହିଁକି, ନିଜର ଦେଶ ପ୍ରକୃତରେ ହିଁ ନିଜର। ଏଠାରେ କାହା ସଙ୍ଗେ କେମିତି କଥାହବାକୁ ଇଚ୍ଛା ହୁଏ। କେବେ କେମିତି ଅରୁଣା ଓ କ୍ଷିପ୍ରା ନ୍ୟୁୟର୍କରୁ ଫୋନ୍‌କଲେ ବହୁତ ଭଲଲାଗେ।

ସେଠାରେ ବୁଲିବା ଆଉ ଜାଣିବାର ଅବସର ନ ଥାଏ। ସୁଇଟ୍ ଦିନସାରା ଘର ଭିତରେ ଏକୁଟିଆ ରହେ। କିଛି ସମୟ ଖେଳି ସାରି ଥକି ପଡ଼ିଲେ ଶୋଇପଡ଼େ। ରାତିଦିନ ଟେଲିଭିଜନ ଦେଖେ। କ୍ୟାଲେଣ୍ଡରର ଗୋଟାଏ ଗୋଟାଏ ଦିନ ଭାରି ଲାଗେ। ଯାହାହେଉ ବୃନ୍ଦା କେମିତି ୬ ମାସ କଟେଇଲେ। ଏତିକି ଦିନ ଭିତରେ ବୁଢ଼ୀ ଦେହ ବେମାର ହୋଇଗଲା। ଦିନସାରା ଏକାନ୍ତବାସ ପରେ ସନ୍ଧ୍ୟାକୁ ପୁଅ–ବୋହୂ ଆସିଲେ କିଛିଟା ଗହଳଚହଳ ଜଣାପଡ଼େ। ମାତ୍ର ଦିନସାରା କାମ କରିକରି ଥକି ପଡିଥିବାରୁ ଦିହେଁ କିଛି କ୍ଷଣ ଚୁପ୍ ରହନ୍ତି। ଏକଲାପଣ ଯୋଗୁ ବୁଢ଼ୀ ପାଗଳୀ ଭଳିଆ ହେଇଯାଏ। ୬–୭ ବର୍ଷ ପୂର୍ବେ ପତିଙ୍କ ସଙ୍ଗରେ ଆମେରିକା ଆସିଥିଲେ, ପତି ସାଥିରେ ଥିବାରୁ ଏକଲାପଣ ନ ଥିଲା। ବୋହୂର ବ୍ୟବହାର ଅଲଗା ପ୍ରକାରର ଥିଲା। ଅମୀର ବାପାର ଅଲିଅଳ ଝିଅ, ଶାଶୁ–ଶ୍ୱଶୁର ତାକୁ ବୋଝ ଭଳିଆ ଲାଗୁଥିଲେ। କିନ୍ତୁ ପୁଅ ପ୍ରିୟାଂଶୁ ଅତ୍ୟଧିକ ସମ୍ବେଦନଶୀଳ ହୋଇଥିବାରୁ ବହୁ ଧୈର୍ଯ୍ୟର ସହ ସବୁ ସମ୍ଭାଳି ନିଏ।



ଉଚ୍ଚସ୍ୱରରେ ଶ୍ରେୟା କହି ଚାଲିଥିଲା ଏତେ ବଡ଼ ଘରେ ବାପା ଏକୁଟିଆ କେମିତି ରହିବେ? ୟା'ବାଦ୍ ରହିଲେ ମୁଁ ଆସିପାରିବିନି କି ଆମ ପିଲାମାନେ ବି...।

ପ୍ରିୟାଂଶୁ କଡ଼ା ସ୍ୱରରେ କହିଲା, ତୁମେ ସତରେ ପାଗଳୀ ହୋଇଗଲଣି। ବାପା ଏ ଘର ନିଜ ରକ୍ତକୁ ପାଣି ଫଟେଇ ନିଜ ରୋଜଗାରରେ ତିଆରି କରିଛନ୍ତି। ଘର ବିକ୍ରି କରିବା ମସୁଧାରେ ତୁମେ ଅଛ। ବିକ୍ରି କରିଦେଲେ ସେ ଆମ ସାଙ୍ଗରେ ନ୍ୟୁୟର୍କ ପଳେଇବେ ଏଇଆ ତ? ଟିକେ ଚିନ୍ତା କରିପାରୁନ ଏତେଶୀଘ୍ର କେମିତି ବା ବିକ୍ରି କରିବେ? କମ୍ ଦାମ୍ ମିଳିବ...।

ଦାମ୍, ଦାମ୍... ତୁମେ ଦାମ୍ ପଛରେ ପଡ଼ିଛ। ଏ ଘର ନୁହଁ, ଚିଡ଼ିଆଖାନା।

ଶ୍ରେୟାର ଏଭଳି ଆକ୍ଷେପରେ ପୂରା ଗମ୍ଭୀର ଭାବରେ ପ୍ରିୟାଂଶୁ କହିଲା– ଶ୍ରେୟା ତୁମେ ବାସ୍ତବ କଥା କାହିଁକି ବୁଝିବାକୁ ଚେଷ୍ଟାକରୁନ? ମୁଁ ବାପାଙ୍କୁ ସାଥିରେ ନେବାକୁ ସକ୍ଷମ ହେଉନି। ଡାକ୍ତର ମନା କରିଦେଇଛନ୍ତି ଏ ବିଶାଳ କୋଠରିରେ ଏକା ରହିପାରିବେନି। ମା' ବଞ୍ଚିଛି ବୋଲି ସବୁ କିଛି ସମ୍ଭାଳି ନେଉଛି। ବାପାଙ୍କ ମୃତ୍ୟୁ ପରେ ଘର ଆଉ କ'ଣ ଘରଭଳିଆ ରହିବ? ରଞ୍ଜନ ବୃଦ୍ଧାଶ୍ରମ ଦେଖିଆସିଛି। ବାପାଙ୍କୁ ଏଠାରେ ରଖିବାକୁ ମନ ଚଳୁନି। ଲୋକେ କ'ଣ କହିବେ? ପୁଣି ମୋର ଆତ୍ମା ବି ଅନୁମୋଦନ କରୁନାହିଁ। ହରିଦ୍ୱାରରେ ମଧ୍ୟ ଏଭଳି ଅନେକ ଆଶ୍ରମ ଅଛି। କିନ୍ତୁ ବାପା ଏଠି ରହିପାରିବେ ନାହିଁ...।

ପ୍ରିୟାଂଶୁର ଏ ସବୁ ବର୍ଣ୍ଣନା ଶୁଣି ଶ୍ରେୟା ବିରକ୍ତ ହୋଇ କହିଲା, ବାସ୍ ପ୍ରିୟାଂଶୁ, ମୋ' କଥା ଶୁଣ– ତୁମେ ଜୀବନଭରି ଶୋଚନା କରିବ, ଫଳ କିଛି ହବନାହିଁ। ତୁମ ବଂଶରେ ଭଲ ଚିନ୍ତା ନାହିଁ। ଆଖି ଆଗରେ ଦେଖିଲ ତ ସଲିଲ୍ ଭାଇ ତା'ର ସବୁ ସମ୍ପତ୍ତି ବିକ୍ରି କରିଦେଲା। ତୁମେ ଏତେ ଆଗପଛ ହଉଛ କାହିଁକି? ଆଗାମୀ ସପ୍ତାହରେ ଶୁକ୍ରବାର ଆମର ଫ୍ଲାଇଟ୍ ଅଛି। ଏ ପର୍ଯ୍ୟନ୍ତ ଆମେ କ'ଣ କରିବା କିଛି ଯୋଜନା କରିନେ।

ଆରେ, ଏସବୁ ବିକ୍ରି ପାଇଁ ପ୍ରଥମେ ମତେ ବାପାଙ୍କୁ ପଚାରିବାକୁ ପଡ଼ିବ। ଶ୍ରେୟା ଉଗ୍ରସ୍ୱରରେ କହିଲା– ବନ୍ଦ କର। ବାପାଙ୍କୁ ନ ପଚାରି କୋଠି ବିକ୍ରି କରିଦିଅ। ତାଙ୍କୁ ବିକ୍ରି କଥା ପଚାରୁ ପଚାରୁ ସେ ମରିଯିବେ। ପ୍ରିୟାଂଶୁ ଥରିଲା କଣ୍ଠରେ କହିଲା, ଘର କେବଳ ମାଟି ପଥରର ନୁହେଁ, ୟା' ସହିତ ଭାବାତ୍ମକ ଚିନ୍ତନ ଯୋଡ଼ା ହୋଇଛି।

ଶ୍ରେୟା ହସିହସି ବ୍ୟଙ୍ଗାତ୍ମକ ଢଙ୍ଗରେ କହିଲା– ତୁମର ବୁଦ୍ଧି ହଜିଗଲାଣି ପ୍ରିୟାଂଶୁ। ଅଧିକ ଭାବୁକ ହେଇପଡ଼ନା। ବାପାଙ୍କ ପାଇଁ ବୃଦ୍ଧାଶ୍ରମରେ ଏକ ସ୍ୱତନ୍ତ୍ର କୋଠରିର ବ୍ୟବସ୍ଥା କରିବା। କୁଲର, ଏ.ସି. ସବୁ ଲଗେଇଦବା।

ବାପାଙ୍କୁ କେମିତି ଆଶ୍ରମ ପଠେଇବା? ଥରିଲା କଣ୍ଠରେ ପ୍ରିୟାଂଶୁ କହିଲା, ''ସେ ଅନାଥ କି ଅସହାୟ ନୁହନ୍ତି, ମୋର ବାପା ସେ।'' ପ୍ରତି ବୁଢ଼ା କାହାର ନା କାହାର ବାପା, ଦାଦା ହୁଅନ୍ତି। ଏଥିରେ ନୂଆ କଥା କ'ଣ ଅଛି ବୋଲି ଶ୍ରେୟା ବିଦ୍ରୂପାତ୍ମକ ଢଙ୍ଗରେ କହିଲା।

ଶ୍ରେୟା ହାତ ହଲେଇ କହିଲା, ବାସ୍ ତୁମେ ମୋ' ଉପରେ ଛାଡ଼ିଦିଅ, ମୁଁ ବୃଦ୍ଧାଶ୍ରମ ସହିତ କଥାହେବି, ସେଠାରେ ସବୁ ବ୍ୟବସ୍ଥା ହେଇଯିବ। ସକାଳେ ବାପାଙ୍କୁ ସଫାସଫା କହିଦେବି ତୁମରି ଗାଡ଼ିରେ ସେ ଯିବେ ଆଉ ତୁମେ ହିଁ ନେଇ ଛାଡ଼ିଆସିବ।

ଶ୍ରେୟାର ଏଭଳି କଠୋର କଥାରେ ପ୍ରିୟାଂଶୁ କହିଲା, ଦିନ ଆସିବ ତୁମେ ବୁଝିବ ତୁମର ପିଲାମାନେ ତୁମକୁ ବୁଢ଼ୀ ଗାଈ ଭାବି ହଙ୍କାଳିବେ। ଅନାଥାଳୟରେ ମରିବା ପାଇଁ ଛାଡ଼ିଆସିବେ। ପ୍ରିୟାଂଶୁର ସ୍ୱରରେ ଉଗ୍ରତା ଥିଲା। ମୁଁ ନିଜର ବାପାଙ୍କୁ ଏମିତି ମରିବାକୁ ଛାଡ଼ିବିନି। ତୁମେ ଯାଅ, 'ୟୁ କ୍ୟାନ୍ ଗୋ ବ୍ୟାକ୍...'।


ପ୍ରିୟାଂଶୁ କହୁଥିଲାବେଳେ କିଏ ଜଣେ କବାଟ ଝଞ୍ଜିର ବାଡ଼େଇଲେ। ଦ୍ୱାର ଖୋଲି ଦେଖିଲା ସାମ୍ନାରେ ବାପା ଛିଡ଼ା ହୋଇ ହସୁଛନ୍ତି ଆଉ କହିଲେ, ଆରେ ତୁ ପାଗଳା ହେଇଗଲୁ! ମୁଁ ତୁମ ଦୁହିଁଙ୍କର ସବୁକଥା ଶୁଣିନେଲି। ତୁମେ ଭାରତ ଆସିବା ପୂର୍ବରୁ 'ବୃଦ୍ଧାଶ୍ରମ'ରେ ମୋ' ପାଇଁ ଜାଗା କରିସାରିଛି। ସେଠାରେ ମୋର ଲାହୋର ବନ୍ଧୁ ପିଣ୍ଡି ଦାସ ଓ ମଙ୍ଗତ ବି ରହିବେ। ଆଉ ମଧ୍ୟ କେତେକ ...। ପ୍ରିୟାଂଶୁ ଦେଖିଲା ବାପା ଅଟ୍ଟହାସ୍ୟ କରି ହସୁଛନ୍ତି; କିନ୍ତୁ ସେ ହସର ପଛପଟେ ରୋଦନର କରୁଣ ସ୍ୱର ବାରି ହେଇପଡୁଥିଲା, ଯାହାର ଥଳକୂଳ ପୁଅ ହିସାବରେ ସେ ପାଇପାରୁ ନ ଥିଲା।

–ବଲରା, ବିଳାସୁଣୀ, ନିଆଳି, କଟକ

# ''ଛ'ମାଣ ଆଠଗୁଣ୍ଠ''ରେ କାହାର ଜିତାପଟ: ଜୀବନ ନା ମୃତ୍ୟୁର ?

୧୮୯୮ରେ ଲିଖିତ ଫକୀରମୋହନଙ୍କ କାଳଜୟୀ ଉପନ୍ୟାସ ''ଛ'ମାଣ ଆଠଗୁଣ୍ଠ''। ପ୍ରକାଶ ଲଗ୍ନରୁ ଉପନ୍ୟାସଟିର ନାନା ଦିଗକୁ ନେଇ ବହୁ ଧୀମାନ୍ ସମାଲୋଚକ ପରୀକ୍ଷାନିରୀକ୍ଷା କରିଛନ୍ତି। ଏହାର ତର୍ଜମା ଏବେ ବି ଅବ୍ୟାହତ। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ଲେଖକ ତଥା ସମାଲୋଚକ ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି ଉପନ୍ୟାସଟିର ଏପରି ଏକ ମୂଲ୍ୟାୟନ କରିଛନ୍ତି, ଯାହା ବିତର୍କିତ ମନେହେଲେ ବି ଅଭିନବ। ତାଙ୍କ ଦୃଷ୍ଟିରେ ''ଛ'ମାଣ ଆଠଗୁଣ୍ଠ''ରେ ନୀତି ବା ଅନୀତି – କାହାରି ବିଜୟ ହୋଇନାହିଁ। ଭଲ ବା ମନ୍ଦ – କୌଣସି ମାନବଗୁଣ ଏଥିରେ ପ୍ରତିଷ୍ଠା ପାଇନାହିଁ। ଏଥିରେ ଜୀବନ ନୁହେଁ, ବରଂ ସତ୍ୟ ହୋଇ ଉଠିଛି ଯନ୍ତ୍ରଣା ଓ ମୃତ୍ୟୁ। 'ସାହିତ୍ୟାୟନ'ର ମରମୀ ପାଠିକାପାଠକଙ୍କ ସମକ୍ଷରେ ପେଶ୍ ହେଲା ସମ୍ପୂର୍ଣ୍ଣ ଆଲେଖ୍ୟଟି...

ସେ ଦିନ ଗୋଟିଏ ସାହିତ୍ୟ ସଭାରେ ମୁଁ କହିଲିଯେ, ସାହିତ୍ୟ ମଣିଷର ବଡ଼ପଣ ସୃଷ୍ଟି କରେ। ବିଶ୍ୱ ପ୍ରକୃତି ଓ ସମାଜର ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ସହିତ ନୀଚପଣ ମଧ୍ୟ ଦେଖାଏ। ମଣିଷର ସ୍ୱାଭିମାନୀ ଜୀବନଚର୍ଯ୍ୟା ଦେଖାଇବାକୁ ହେଲେ ମଣିଷ ଭିତରେ ଲୁଚି ରହିଥିବା ସହଜାତ ମନ୍ଦପଣକୁ ମଧ୍ୟ ଦେଖାଇବାକୁ ହୁଏ। କାରଣ ଉଚ୍ଚ ମାନବିକତା ଓ ନୀଚପଣର ବୈସାଦୃଶ୍ୟ ବା ଅସମତା ସାହିତ୍ୟ ସୃଷ୍ଟିରେ ନ ରହିଲେ, ବଡ଼ପଣର କଳନା ସମ୍ଭବ ହୁଏ ନାହିଁ। ତେବେ ଏହି ବଡ଼ପଣଟିକୁ କେମିତି ମପାଯିବ ? କିଏ ମାପିବ ? ସମାଲୋଚକର କାମ ଯଦି ସାହିତ୍ୟ ସୃଷ୍ଟିରେ ମଣିଷର ବଡ଼ପଣ ମାପିବା, ସେ କେଉଁ ମାପକାଠି ପ୍ରୟୋଗ କରିବ ? ସମାଜର ନିମ୍ନବର୍ଗର କଥା ଯଥା ଦୁଃଖ, ହତାଶା ଓ ନିର୍ଯାତନାକୁ ଲେଖକ ଯଦି କେବଳ ବର୍ଣ୍ଣନା କରିଚାଲେ, ତେବେ ମାନବିକ ଆତ୍ମାଭିମାନର ଉତ୍ତରଣର ସନ୍ଧାନ କେଉଁଠି ଖୋଜିବ ସମାଲୋଚକ ? ଯଦି ଶ୍ରେଣୀ ବିବାଦ ବା ସଂଘର୍ଷର ଚିତ୍ର ଉତ୍ତରଣର ସଙ୍କେତ ବହନ କରେ ନାହିଁ, ତେବେ ଏହା ଏକ ବୃତ୍ତଚିତ୍ର ପରି ସୀମିତ ରହିଯିବ।




ଡ. ପ୍ରଫୁଲ୍ଲ କୁମାର ମହାନ୍ତି

ଦାରିଦ୍ର୍ୟ, ଅତ୍ୟାଚାର ଭଳି ସ୍ଥିତିର ଊର୍ଦ୍ଧ୍ୱକୁ ଉଠିବା ପାଇଁ ମଣିଷର ସଚେତନ ପ୍ରଚେଷ୍ଟା ସଫଳ ନ ହେଲେ ବି ମଣିଷର ମନର ଉଚ୍ଚତା ମାପିହୁଏ। କିନ୍ତୁ ଏହି ଉଚ୍ଚତା କେଉଁ ଗ୍ରହଣୀୟ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ? ଫକୀରମୋହନଙ୍କ ''ଛ' ମାଣ ଆଠଗୁଣ୍ଠ''ରେ ଭଗିଆ-ସାରିଆର ଉଦାହରଣ ନିଆଯାଉ। ସେମାନେ କାହିଁକି ମଙ୍ଗରାଜର ଚକ୍ରାନ୍ତର ଶିକାର ହୋଇ ଶେଷରେ ସର୍ବହରା ହେଲେ ଓ ସାରିଆକୁ ମରିବାକୁ ହେଲା ? ଏହାର ମୂଳ କାରଣ ହେଲା ସାରିଆ ସ୍ୱାଭାବିକ ମାତୃତ୍ୱ ପାଇ ନ ଥିଲା। ଯଦି ସେ ନିଜେ ମା' ହୋଇଥାନ୍ତା, କଦାପି କୁଚକ୍ରୀ ମଙ୍ଗରାଜ-ଚମ୍ପାର ଶିକାର ହୋଇ ନ ଥାନ୍ତା। ମା' ନ ହେଲେ ନର୍କରେ ପଡ଼ିବା ଅନ୍ଧବିଶ୍ୱାସରୁ ମୁକୁଳିବା ପାଇଁ, ମାତୃତ୍ୱର ଆନନ୍ଦ ପାଇଁ, ସନ୍ତାନ ଲାଳସା ପାଇଁ ସେମାନେ ତାଙ୍କର ଛ'ମାଣ ଆଠଗୁଣ୍ଠ ବନ୍ଧା ଦେଲେ। ଅର୍ଥାତ୍ ସବୁଠାରୁ ଉର୍ବର ଜମି ବିନିମୟରେ ନାରୀର ସ୍ୱାଭାବିକ ଉର୍ବରତା ପାଇବା ପାଇଁ ଅନ୍ଧବିଶ୍ୱାସର ଶିକାର ହେଲେ। ଯଦି ମୂଳରୁ ସେମାନେ ସତର୍କ ହୋଇପାରିଲେ ନାହିଁ ତା'ର କାରଣ ହେଲା ଅଶିକ୍ଷା ଏବଂ ସରଳ ବିଶ୍ୱାସ। କିନ୍ତୁ ନେତକୁ ହରାଇଲା ପରେ ସେମାନେ ଯଦି ଜାଣିଲେଯେ ଚମ୍ପା ଓ ମଙ୍ଗରାଜ କେବଳ ତାଙ୍କ ଜମି, ବାସଗୃହ ଇତ୍ୟାଦି ଅର୍ଥାତ୍ ତାଙ୍କ ଜୀବନଜୀବିକାର ଭିତ୍ତିଭୂମି ହରାଉଛନ୍ତି, ସେମାନେ କାହିଁକି ଚମ୍ପା କିମ୍ବା ମଙ୍ଗରାଜକୁ ହତ୍ୟା କଲେ ନାହିଁ ? ଗୋପୀନାଥ ମହାନ୍ତିଙ୍କ 'ପରଜା'ରେ ଶୁକ୍ରୁଜାନି ସାହୁକାରକୁ ହତ୍ୟା କରିଛି, କିନ୍ତୁ ୧୮୯୮ରେ ଲିଖିତ ଛ' ମାଣ ଆଠଗୁଣ୍ଠ ବେଳକୁ ହୁଏତ ଓଡ଼ିଆର ଆତ୍ମବିଶ୍ୱାସ ଓ ଆତ୍ମାଭିମାନ ଜାଗ୍ରତ ହୋଇନାହିଁ। କିନ୍ତୁ ଏପରି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଦଣ୍ଡେ ଅଟକି ଯିବାକୁ ହେବ। କାରଣ ରାମଚନ୍ଦ୍ର ମଙ୍ଗରାଜ କ'ଣ ଜମିଦାର ପରିବାରରେ ଜନ୍ମ ହୋଇଥିଲା ? ନା, ରାମଚନ୍ଦ୍ର ମଙ୍ଗରାଜ ଏକ ଛେଉଣ୍ଡପିଲା ଭାବେ ସମାଜରେ ପ୍ରବେଶ କରିଥିଲା। ବାପ ମଲା ପରେ ଶୁଦ୍ଧି ମଧ୍ୟ ହୋଇନାହିଁ। ସେ ଜଣେ ଅପର ବ୍ୟକ୍ତିଭାବେ ସମାଜରେ ପ୍ରବେଶ କରି ନିଜର ବୁଦ୍ଧି ବିଦ୍ୟା ପ୍ରୟୋଗ କରିଛି ନିଜକୁ ପ୍ରତିଷ୍ଠିତ କରିବା ପାଇଁ। ଶଠତାର ଆଶ୍ରୟ ନେଇଛି, କିନ୍ତୁ ଅବୈଧ ଭାବେ ଆସି ନିଜକୁ ବୈଧ କରିଛି, ହୁଏତ ଅନୈତିକ ଭାବେ। ତେବେ ଉପନ୍ୟାସକୁ ଆମେ ବୁଦ୍ଧିମାନର ମନ୍ଦଶକ୍ତି ପ୍ରୟୋଗ ଦ୍ୱାରା ନିରୀହ ସାଧୁତା କିପରି ସ୍ଥିତିଚ୍ୟୁତ ହୁଏ, ସେହିଭାବେ ଗ୍ରହଣ କରିବା ନା ଜଣେ ସର୍ବହରା ଛେଉଣ୍ଡପିଲା କିପରି ସମାଜର ବଡ଼ପଣ୍ଡାମାନଙ୍କୁ ଖଳବୁଦ୍ଧିରେ ପରାସ୍ତ କରି ଶେଷରେ ଫତେପୁର ଷରଷଣ୍ଠର ଜମିଦାର ଆସନରେ ବସିପାରେ, ସେହି ଦିଗରୁ ଫକୀରମୋହନଙ୍କ ଉପନ୍ୟାସକୁ ଦେଖିବା ?

ସାଆନ୍ତାଣୀ ଓ ସାରିଆ ଭିତରେ ବିଶେଷକିଛି ଫରକ ବାରି ହୁଏନାହିଁ। ସାଆନ୍ତାଣୀ ପତ୍ନୀର ସମ୍ମାନ ପାଇନାହାନ୍ତି। ତାଙ୍କଠାରୁ ସବୁଗୁଣରେ ନିମ୍ନମାନର ଚମ୍ପା ତାଙ୍କ ଆସନ ଅଧିକାର କରିଛି। ସେ ସନ୍ତାନବତୀ, କିନ୍ତୁ ଫକୀରମୋହନ କେଉଁଠି ହେଲେ ପ୍ରତ୍ୟକ୍ଷ ବା ପରୋକ୍ଷରେ ସେମାନଙ୍କର କୌଣସି ଭୂମିକା ସାଆନ୍ତାଣୀ କିମ୍ବା ମଙ୍ଗରାଜ ପାଖରେ ରଖିନାହାନ୍ତି। ଈଶ୍ୱର ଆରାଧନା ତାଙ୍କୁ ସଂସାର ଭିତରେ କୌଣସି ଆସନ ଦେଇନାହିଁ। ଭଗିଆ ଓ ସାଆନ୍ତାଣୀଙ୍କର ପ୍ରାର୍ଥନା ନିଷ୍ଫଳ। ସାଆନ୍ତାଣୀ ପ୍ରାଚୁର୍ଯ୍ୟ ସତ୍ତ୍ୱେ ପୂଜାରିଣୀର ମୃତ୍ୟୁ ପାଇଛନ୍ତି ଏବଂ ସାରିଆ ଏକ ସର୍ବହରାର ଯନ୍ତ୍ରଣାସିକ୍ତ ମୃତ୍ୟୁ। ତେବେ ଆମେ ଯେଉଁ ନୈତିକତା, ନୈତିକ ବିଶ୍ୱର ଭାରସାମ୍ୟ ଇତ୍ୟାଦି କହୁ, ମନ୍ଦ ଶକ୍ତି ଉପରେ ଭଲ ସବୁବେଳେ ବି ଜୟ ପାଏ କହୁ; ସେ ନୈତିକ ବିଶ୍ୱର କ'ଣ ପରିଚୟ ମିଳେ ଉପନ୍ୟାସରେ ? ଶେଷରେ ଗୋବିନ୍ଦା ଚମ୍ପାକୁ ହତ୍ୟା କରି ମଧ୍ୟ ଧନ ପାଏନାହିଁ। ହୁଏତ କୁମ୍ଭୀର ପେଟରେ ପଡ଼େ ଧନ ପୁଟୁଳା। ଫକୀରମୋହନଙ୍କ ବିଶ୍ୱରେ ନୈତିକତାର ଯେମିତି ଅର୍ଥ ନାହିଁ; ଶଠତା, ଖଳତା, ମନ୍ଦପଣର ମଧ୍ୟ ଅର୍ଥନାହିଁ। ମଙ୍ଗରାଜ ମରେ, ବାଘସିଂହ ପରିବାର ଧ୍ୱଂସ ହୁଏ, ଚମ୍ପା-ଗୋବିନ୍ଦା ମରନ୍ତି। ସାଆନ୍ତାଣୀ ଓ ସାରିଆ ମଧ୍ୟ ମରନ୍ତି। ତେବେ ନୈତିକ ବିଶ୍ୱାସ, ନୈତିକ ନ୍ୟାୟ ଫକୀରମୋହନଙ୍କ ବିଶ୍ୱରେ କ'ଣ ମୂଲ୍ୟ ରଖେ ? ଆଗରୁ ଦିଲ୍‌ଦାର ମିଆଁ ଠକି ହୋଇଯାଏ ମଙ୍ଗରାଜ ଦ୍ୱାରା। ଫତେପୁର ଷରଷଣ୍ଠର ସମ୍ପତ୍ତି ଶେଷରେ ଯାଏ ରାମ୍‌ରାମ୍ ଲାଲା ପାଖକୁ। ସବୁ ଚରିତ୍ର କେବଳ ନିଜ ନିଜର ବୁଦ୍ଧି ବା ବୁଦ୍ଧିହୀନତା, ନୈତିକ ବିଶ୍ୱାସ ବା ନୈତିକ ଉପେକ୍ଷା ଓ ବିସର୍ଜନ ନେଇ ବଞ୍ଚିବାର ଚେଷ୍ଟାରେ ପରାଜୟ ସ୍ୱୀକାର କରନ୍ତି।

ତେଣୁ ''ଛ' ମାଣ ଆଠଗୁଣ୍ଠ'' ଉପରେ ପାଠକ ବା ଆଲୋଚକ-ସମୀକ୍ଷକ କ'ଣ ଶେଷ ମନ୍ତବ୍ୟ ଦେବ ? ଯେଉଁସବୁ ସମାଲୋଚନାର ଧାରା ପାଶ୍ଚାତ୍ୟ ତତ୍ତ୍ୱ ପ୍ରଭାବରେ ଗଢ଼ିଉଠିଛି କିମ୍ବା ସିଧା ପାଶ୍ଚାତ୍ୟ ତତ୍ତ୍ୱ- ଏଠି କିପରି ପ୍ରୟୋଗ କରାଯିବ ? ଆବେଗିକ ମୁହୂର୍ତ୍ତର ଦୃଶ୍ୟଚିତ୍ରରୁ ଇକୋସିଷ୍ଟମ, ପରିବେଶ ସମୀକ୍ଷା, କେଉଁ ଦୃଷ୍ଟିରୁ ସମୀକ୍ଷକ ବା ପାଠକ ଏହି ଉପନ୍ୟାସର ମୂଲ୍ୟାୟନ କରିବ ? ଫକୀରମୋହନ ଯେହେତୁ ସବୁ 'ବର୍ତ୍ତମାନ'କୁ ନିଜ ଦୃଷ୍ଟିରେ ଦେଖିଛନ୍ତି, ସେହି ଦୃଷ୍ଟିଚିତ୍ରକୁ କ'ଣ ଆମେ ଥିଓରୀ ଦ୍ୱାରା ବିଶ୍ଳେଷଣ କରିବା ? ତା'ଛଡ଼ା ସମୀକ୍ଷକକୁ ପ୍ରଥମେ ଦେଖିବାକୁ ହେବଯେ ଉପନ୍ୟାସ ରଚିତ ହୋଇଛି ନ'ଅଙ୍କ ଦୁର୍ଭିକ୍ଷ ପରେ। ଶିକ୍ଷାର ପ୍ରସାର ପ୍ରାୟ ନାହିଁ। ମଙ୍ଗରାଜ ଆରମ୍ଭ କରିଛନ୍ତି ଓଷାବ୍ରତର ଅବମାନନା, କିନ୍ତୁ ବାହାରକୁ ପରମ୍ପରା ପାଳନ କରନ୍ତି। ପ୍ରାୟ ଛ' ପ୍ରକାର ଭାଷା ବ୍ୟବହାର କରାଯାଇଛି। କିନ୍ତୁ ସବୁକଥା ନିଜେ କହିଛନ୍ତି ଫକୀରମୋହନ ସର୍ବଜ୍ଞାନ୍ତା ବର୍ଣ୍ଣନାକାର ଭାବେ। ଗୋଟିଏ ଶବ୍ଦ ବା ବାକ୍ୟ ଓଲଟାଇବା ସମ୍ଭବ ନୁହେଁ। ତେବେ କ'ଣ କୁହାଯିବଯେ ଫକୀରମୋହନ ଏକ ଗୁଣଶୂନ୍ୟ, ନିର୍ବେଦ ପୃଥିବୀରେ ମଣିଷର ଅସହାୟତା ଦେଖାଇଛନ୍ତି, ଯେଉଁଠି ପୁରୁଷକାର ନାହିଁ କି ଭୀରୁ କାପୁରୁଷତା ମଧ୍ୟ ନାହିଁ, କାରଣ ଉଭୟ ଏଠି ପରାଜିତ। ଯଦି କୁହାଯିବଯେ ନୈତିକତା ହିଁ ଏ ବିଶ୍ୱର ପ୍ରାଣସ୍ପନ୍ଦନ, ତେବେ ସେ ନୈତିକତା ଏକ ଅନୁଦାର ଶକ୍ତି, ଯାହା ମଣିଷକୁ କୌଣସି ବିଜୟ ଦିଏ ନାହିଁ। ସ୍ନେହ ପ୍ରେମ ମମତାର ଐଶ୍ୱର୍ଯ୍ୟ ନାହିଁ, ସରଳ ବିଶ୍ୱାସର (ବାଘସିଂହ ପରିବାର) ପରାକାଷ୍ଠା ନାହିଁ, ସତୀ ନାରୀ କିମ୍ବା ନିରୀହତାର ନିସ୍ତାର ନାହିଁ। କୌଣସି ମାନବଗୁଣ ଏଠି ପ୍ରତିଷ୍ଠା ପାଏ ନାହିଁ।




''ଛ' ମାଣ ଆଠଗୁଣ୍ଠ'' ଫକୀରମୋହନଙ୍କ ବିଶ୍ୱ। ତା' ଉପରେ ଯାହା କହିଲେ ମଧ୍ୟ ଚଳେ ବୋଲି ଅନେକେ ଭାବନ୍ତି। କିନ୍ତୁ ମତ ପ୍ରକାଶ କରିବା ପୂର୍ବରୁ ଚିନ୍ତା କରିବା ଉଚିତଯେ, ଏ ବିଶ୍ୱରେ କ'ଣ ଅଛି। ଅସୁରଦୀଘି ଅପରିଷ୍କାର। ପୋଖରୀ ତୁଠରେ ଅପଚର୍ଚ୍ଚା, ପରନିନ୍ଦା, ଚକ୍ରାନ୍ତ। ଗାଁ ଅପରିଷ୍କାର, ନିଜେ ଚୌକିଦାର ଚୋର। ଗାଁର ଜମିଦାର ଭଣ୍ଡ ପ୍ରତାରକ। ଏକମାତ୍ର ସତ୍ୟ କେବଳ ଯନ୍ତ୍ରଣା ଓ ମୃତ୍ୟୁ। ମୃତ୍ୟୁ ମଧ୍ୟ ଏଠି ସ୍ୱାଭାବିକ ଭାବେ ଆସେନାହିଁ। ସତେଯେମିତି ପ୍ରକୃତି ଏଠି ବନ୍ଧ୍ୟା, ଜୀବନ ଶ୍ୱାସରୁଦ୍ଧ। ଭଲମନ୍ଦ ଉଭୟ ନିରର୍ଥକ। ତେଣୁ ଅଭିମତ ଦେଲାବେଳେ ସତର୍କ ହେବାକୁ ପଡ଼ିବ।

– ଚିତ୍ରକାବ୍ୟ, ଶିଶୁବିହାର, ଭୁବନେଶ୍ୱର-୨୪

## ଶବରୀ

(ତୃତୀୟ ପୃଷ୍ଠାରୁ...)

''ନିଅ।''''ମୋ' ପଇସା ମୁଁ ପାଇ ସାରିଚି।'' ''କେମିତି ? ପ୍ରଥମରୁ ଦୁଇଟଙ୍କା ପାଇଥିଲ, ଦି'ଟା ସପେଟା ଦେଇଥିଲ। ତା' ପରେ ଯୋଉ ଏତେଗୁଡ଼ାଏ ଚୋପା ଛଡ଼େଇ ଛଡ଼େଇ ଦେଲ ସେଥିପାଇଁ ପଇସା ନବନି ?''

''ମୋ ନାତିନାତୁଣୀଙ୍କ ମୁହଁରେ ମୁଁ ଏଥିରୁ ଗୋଟେ ଦେଇପାରୁନି। ଆଜି ତତେ ଖୁଏଇଲି, ମତେ ଭଲ ଲାଗିଲା। ସେଥିପାଇଁ କ'ଣ ତୋ'ଠୁ ପଇସା ନେବି ?''''ଏହେ, ଏତେ କଥା କ'ଣ ? ସପେଟା ଦେଇଛ, ପଇସା ନବ। ମତେ ଦୟା କରି ସକାଳୁ ସକାଳୁ ତମ ବେପାର ଖରାପ କାହିଁକି କରିବ ? ନିଅ।''

ବୁଢ଼ୀ ଆଖିରେ ମତେ ଲୁହ ଦେଖାଗଲା। କ'ଣ ହେଲା ବୋଲି ମୁଁ ଟିକେ ଚିନ୍ତିତ ହେଇପଡ଼ିଲି। ''କ'ଣ ହେଲା ତମର ? ପଇସା ନିଅ କହିଲି ଯେ କାନ୍ଦୁଛ କାହିଁକି ?'' ''ତତେ ଖୁଏଇଲି, ମତେ ଭାରି ଭଲ ଲାଗିଲା। କାହିଁକି ଜାଣିଚୁ ? ମୋର ରାମାୟଣ ମନେପଡ଼ିଗଲା। ତତେ ସପେଟା ଖୁଏଇଲା ବେଳକୁ ମତେ ଲାଗିଲା ଯେମିତି ମୁଁ ଶବରୀ ହେଇ ଯାଇଚି ଆଉ ତୁ ରାମ। ତୋ'ଠୁ ଆଉ କ'ଣ ପଇସା ନେଇପାରିବି ?''

ବୁଢ଼ୀ କଥା ଶୁଣି ମୋ' ମୁଣ୍ଡ ଭିତରେ ଯେମିତି ଘାଣ୍ଟି ଚକଟି ହେଇଯାଉଥିଲା। ''ଓଃ, କ'ଣ କହିଲା ବୁଢ଼ୀ ? ଯାହାକୁ ମୁଁ ମଇଳା ଅପରିଷ୍କାର ଭାବି ଘୃଣା କରୁଥିଲି, ସିଏ ମତେ ତା' ରାମଙ୍କ ସାଙ୍ଗେ ତୁଳନା କଲା ? ଶ୍ରୀରାମ ତ ଭଗବାନ୍। ସିଏ ସମସ୍ତଙ୍କୁ ଭଲ ପାଉଥିଲେ, ସମସ୍ତଙ୍କୁ ସୁଖ ଦେଉଥିଲେ। ଆଉ ମୁଁ ? ସବୁପ୍ରକାର ଦୋଷଯୁକ୍ତ ଜଣେ ମଣିଷ ମାତ୍ର। ମୁଁ ବୁଢ଼ୀର ମନକୁ ଚିହ୍ନି ପାରିଲିନି। ତାକୁ ଘୃଣାକରି ନିଶ୍ଚିତ ଭାବରେ ମୁଁ ଅପରାଧ କରିଛି। ତେଣୁ ମୁଁ ତା'ଠୁଁ କ୍ଷମା ମାଗିନେବା ଉଚିତ।''

ଟ୍ରେନ୍ କେତେବେଳେ ଅଟକି ଯାଇଥିଲା ମୁଁ ଜାଣି ପାରି ନ ଥିଲି। ଯେତେବେଳେ ପ୍ରକୃତିସ୍ଥ ହେଲି, ଦେଖିଲି ମୋ' ହାତରେ ଦଶ ଟଙ୍କିଆଟା ସେମିତି ଥିଲା। ବୁଢ଼ୀ କେତେବେଳୁ ଓହ୍ଲେଇ ସାରିଥିଲା। ପାଛିଆ ମୁଣ୍ଡେଇ ଗୋଟିଏ ପରେ ଗୋଟିଏ ଲାଇନ୍ ଡେଇଁଡେଇଁ ଯାଉଥିଲା। ଆତ୍ମଗ୍ଲାନିରେ ଭରି ଉଠୁଥିଲା ମୋ' ହୃଦୟ। ମନେମନେ ବୁଢ଼ୀକୁ କ୍ଷମା ମାଗୁଥିଲି...।

– ପ୍ଲଟ୍ ନଂ. ୭୪୩, ସେକ୍ଟର-୩,
ନୀଳାଦ୍ରି ବିହାର, ଭୁବନେଶ୍ୱର




# ଶୀତ ଆସେ

**ବିଜୟ କୁମାର ବେହେରା**

ଶୀତ ଆସେ
ଗାଁ ଦାଣ୍ଡ ଧୂଳିର ଶେଯରେ
ଥରଥର ଶ୍ୱାନ ଶାବକର
କୁଞ୍ଚିତ ତନୁରେ ।
କାକରରେ ଭିଜାଫୁଲ
ପବନରେ ଦୋହଲୁଛି
ପ୍ରତି ମୁହୂର୍ତ୍ତରେ ।
ନଈପଠା, ଆମ୍ବଗଛ
ସୁନାରଙ୍ଗୀ ଧାନକ୍ଷେତ
ଶୋଇଛନ୍ତି ନିଘୋଡ଼ ନିଦରେ ।

ବଉଳ ଓ ପୂର୍ଣ୍ଣିମାରେ ଲାଗିଛି ଗ୍ରହଣ
କୁହୁଡ଼ିରେ ଝରିପଡ଼େ ସ୍ୱପ୍ନ
ସବୁକିଛି ଆବୋରିବାପଣ
ମାତିଛନ୍ତି ପଙ୍ଗପାଳଗଣ
ପଢୁଛି ବେଙ୍ଗଳା
ବଳଦ ମୁହଁରେ ତୁଣ୍ଡି
କିଏ ସେ ବାନ୍ଧିଲା
ଦିନ ଛୋଟ, ରାତି ଏଠି ବଡ଼
ଚିରା କନ୍ଥା ଲାଗେ ଛୋଟ
ବଡ଼ ପୁଣି ମାଟିର କଙ୍କାଳ ।

– କମାରିଆ, ତିହିଡ଼ି, ଭଦ୍ରକ

# ତ୍ରିକୋଣମିତି

**ଅୟସ୍କାନ୍ତ**

ବିତି ଯାଇଥିବା ଅଭୁଲା ମୁହୂର୍ତ୍ତ
ଏବେ ହଠାତ୍ ବେଗବାନ୍, ଫେରୁଛି
ମୁଁ ଯଦିଓ ହାରିଯାଇଛି ।

କେହି ହୃଦୟ ଭିତରୁ ଆଶା ଦଉଚି
'ବ୍ୟସ୍ତ ହୁଅନା, ଧୈର୍ଯ୍ୟ ରଖ'
'ପରାଜୟ' ବି ହେଇପାରେ 'ବିଜୟ'

ପ୍ରକୃତରେ ବିଜୟୀ ହିଁ ଚିର ଦୁଃଖୀ
ବିଜୟ ପଥରେ ସବୁବେଳେ ସେ
ଜାରି ରଖିପାରେନା ସମ୍ବେଗ
ସମୟର ଚୋରାବାଲି ଆଗରେ
ମଥା ନୁଆଁଏ ବ୍ୟର୍ଥତାରେ ।

– ବନଦୁର୍ଗା ମନ୍ଦିର ନିକଟ, ସୁନ୍ଦରଗଡ଼

# ଉଦ୍ଦଣ୍ଡୀ ଶୀତ

**ଜ୍ୟୋତ୍ସ୍ନାରାଣୀ ପଣ୍ଡା**

ଉଦ୍ଦଣ୍ଡୀ ଶୀତ କେତେବେଳେ
ଧସେଇ ପଶେ ତ
କେତେବେଳେ ଜବରଦସ୍ତ
ଲୁଚିଯାଏ ଘନ କୁହୁଡ଼ିର
ଚାଦର ଭିତରେ
ଉଦ୍ଦଣ୍ଡୀ ଶୀତ, ଖିଲିଖିଲି ହସେ
ହରିଦ୍ରବର୍ଣ୍ଣା ସାଜି ସୋରିଷ କ୍ଷେତରେ ।।

ଉଦ୍ଦଣ୍ଡୀ ଶୀତ ନାକରେ କାନ୍ଦେ
ଝିଅବୋହୂଙ୍କ ଗାଧୁଆ ତୁଠରେ
ପୁଣି କେତେବେଳେ
ତା' ଉପସ୍ଥିତି ଜାହିର୍ କରେ
ନିଆଁ ଉହ୍ଲେଇରେ ତ
ଗାଁ ଦାଣ୍ଡର ଧୁନି ଜାଳରେ
ଉଦ୍ଦଣ୍ଡୀ ଶୀତ ବୋଲ ମାନି
ଲୁନିପଡ଼େ
କମ୍ବଳ, ରେଜେଇର ଉଷୁମ କଥାରେ ।

– ରାମହରି ନଗର-୨, ବ୍ରହ୍ମପୁର, ଗଞ୍ଜାମ

# ଦେବୀ ପକ୍ଷ

**ନୃସିଂହ ତରାଇ**

ପ୍ରତିଥର ଏମିତି ହିଁ ହୁଏ
ତମେ ପିନ୍ଧିନିଅ ଦେବୀର ବସ୍ତ୍ର
ମୋତେ ମିଳେ
ମହିଷାସୁରର ପାର୍ଟ ।

କାହିଁକି ତମକୁ ହିଁ ଧରିବାକୁ ହୁଏ ଅସ୍ତ୍ର,
ବାରମ୍ୱାର ଖୋଲି ଦେବାକୁ ହୁଏ
କେଶ ବାସ, ପଚାର ପଚାର ।

ତମ ନଗ୍ନତାରେ ନତମସ୍ତକ ମୁଁ ମା'
ଛାଡ଼ି ଦେବାକୁ ହୁଏ ଅସ୍ତ୍ର
ଅଖଣ୍ଡ ଅଭିମାନ
ମୋ' ଶକ୍ତି, ମୋ' ସାମର୍ଥ୍ୟ ।

ମୋ' ଇଚ୍ଛାରେ ବା ଅନିଚ୍ଛାରେ
ବଦଳିଯାଏ କି ତମ ଅବବୋଧ
ତମକୁ ଆୟୁଧ କରନ୍ତି
ଦଳେ ସଫେଦ ମଣିଷ ।

ଯେଉଁମାନେ ତମକୁ
ମନା କରନ୍ତି ମନ୍ଦିର, ଛୁଇଁବାକୁ ବେଦ
ନଚାନ୍ତି ନର୍ତ୍ତକୀ କରି
ବିଚ୍ ରାସ୍ତାରେ ସଜେଇ ଦିଅନ୍ତି
ମାଳମାଳ ବିକୃତ ବିଜ୍ଞାପନ ।

ସବୁ ସୁଖରୁ ବଞ୍ଚିତ କରି
କୁହନ୍ତି ଦେବୀ, ତ୍ୟାଗର ପ୍ରତିମୂର୍ତ୍ତି
ସୁରକ୍ଷାର ଢାଲ, ଶେଯର ସୌନ୍ଦର୍ଯ୍ୟ... ।

କୁହ ଦେବୀ କୁହ
ମହିଷାଠୁ କ'ଣ କମ୍ ଭୟଙ୍କର
ଛ' ମାସର ଶିଶୁକୁ
ବଳାତ୍କାର କରୁଥିବା ଲୋକ
ପ୍ରଲୋଭନରେ ପରଖୁଥିବା
ନାରୀର ନିବିଡ଼ ଆଶ୍ଳେଷ
ନଗ୍ନ ଅବୟବ ?

– ପୂର୍ବତଟ ରେଳପଥ, ଭୁବନେଶ୍ୱର

# ଅପହଞ୍ଚ

**ତ୍ରିନାଥ ସିଂହ**

ସବୁକିଛି ଅପହଞ୍ଚ ।
ଯୋଜନ ଯୋଜନ ବର୍ଷ ନିଜଠାରୁ ନିଜର ଦୂରତ୍ୱ ।

ପୋଷାକ ପରେ ପୋଷାକ କାଢ଼ି
ଫିଙ୍ଗିଦେଲି ସୂର୍ଯ୍ୟକୁ
ଖୋଳପା ପରେ ଖୋଳପା ଉତାରି
ଫିଙ୍ଗିଦେଲି ସାଗରକୁ
ରାତିର ଦେହରୁ ପୋଛିଦେଲି ସବୁତକ ଅନ୍ଧାର...

ଏବେ ମୁଁ କିଏ ?

ନୀଳରଙ୍ଗର ମେଘଖଣ୍ଡେ ପିନ୍ଧି ଯୋଉ ନାରୀଟି
ଯାଚିଦେଲା ତା' ଦେହର ସ୍ୱେଦ
ତା' ସ୍ତନ ଓ ଓଠର ସ୍ପନ୍ଦନ...
ସେ କିଏ ?

ମୁଖାଗ୍ନି ଦେଇସାରି ବାପାଙ୍କୁ, ସେଦିନ
ଭିଜାଭିଜା ପତାରେ ଫେରି ଆସିଲି ଏକମୁହାଁ ।
ଏବେ ବାପା କହିଲେ
: ଅପହଞ୍ଚ ଆକାଶରେ ଦିକ୍‌ଦିକ୍ ତାରା ।

ନିଜକୁ ବୋହିବୋହି ଝୁଙ୍କୁଳି ପଡୁଚି କାନ୍ଧ ।
ଏ କାନ୍ଧରୁ ସେ କାନ୍ଧକୁ
ସେ କାନ୍ଧରୁ ଏ କାନ୍ଧକୁ ଯାହା
ଡିଏଁଇ ଚାଲିଛି ନିଜ ବିବସନ ଶବ ।

ଏବେଠାରୁ ଶିଖେଇ ଦେଇ ସାରିଲିଣି ପୁଅକୁ
ନିଆଁ-ବରିହା ବଳିବାର ନିଭୃତ-କୌଶଳ ।

– ଭବିଷ୍ୟନିଧି କାର୍ଯ୍ୟାଳୟ,
ପାନପୋଷ ମାର୍ଗ, ରାଉରକେଲା

## ଗୀତି-କବିତା

# ତୋର ମୋର ଯଦି...

**ଅଲେଖ ନନ୍ଦୀ**

ତୋର ମୋର ଯଦି
ଗପି ବସୁଥିଲେ
ବିତି ଯାଉଥିଲା ଘଡ଼ିକି ଘଡ଼ି
ତଥାପି ସେ କଥା
ସୂତା ଖିଅ କେବେ
ଅଳପେକେ ଯାଉ ନ ଥିଲା ଛିଡ଼ି ।।

କେତେ ଚାନ୍ଦ-ରାତି ବିତାଇ ଦେଲ
ଅମା ଅନ୍ଧକାରେ କଟାଇ ଗଲ
ଚାହିଁବା ରହିବା
ସାର ହେଲା ଖାଲି
ଦିନ ପରେ ଦିନ ଯା' ଗଲା ଗଡ଼ି ।।

ଶେଷେ ହେଲ ତୁମେ ଆଜି କାହାର
ମୁଁ ହୋଇଲି ଦୁନିଆରୁ ବାହାର
ସପନେ ରହିଲା
ସୁନେଲି ସପନ
ଅନ୍ଧକାରେ ଗଲ ଅଦିନେ ଛାଡ଼ି ।।

-୨୯୫୮, ଶ୍ରୀରାମନଗର,
ପୁରୁଣା ଭୁବନେଶ୍ୱର-୨



# ବସ୍ କଥା

ବିରଞ୍ଚି ନାରାୟଣ ମୁଣ୍ଡ




## ଅଣୁଗଳ୍ପ

।।୧।।

ଛାଡ଼ିବା ସମୟରୁ ଅଧଘଣ୍ଟା ଅଧିକ ଗଡ଼ିଯିବାରେ ଯାତ୍ରୀଙ୍କ ଗାଳିମିଶା କୋଳାହଳ ତୀବ୍ରତର ହେଉଥିଲା। ବସ୍ କର୍ମଚାରୀ କିଂକର୍ତ୍ତବ୍ୟବିମୂଢ଼ ହେଇ କିଛି ନ ଶୁଣିଲା ପରି ବଜାର ଆଡ଼କୁ ଅନେଇ ରହିଥିଲେ କେବଳ। ହଠାତ୍ ମହିଳା ଜଣକ ଦି'ଝୁଡ଼ି କପଡ଼ା-ରୂପସଜ୍ଜା ଉପକରଣାଦି ହୁଟୁଟୁଟୁ କରି ବୋହି ବସ୍ ଭିତରକୁ ପଶୁପଶୁ କାନ୍ଦିକାନ୍ଦି ଶେତା ପଡ଼ିଯାଇଥିବା ଚାରିବର୍ଷିଆ ଛୁଆ ମା' ମା' ବୋଲି ଚିତ୍କାର କଲା। ଯାତ୍ରୀକୁଳ ବୁଝିବା ବେଳକୁ ବସ୍ ଗଡ଼ିବା ଆରମ୍ଭ କରିଥିଲା।


।।୨।।

ମଜାମଜିରେ ବସ୍ ଭିତରେ ସଠିଆ ମଜ୍ଜିଯାଇଥିବା ପ୍ରଫେସର ପ୍ରଳୟାନନ୍ଦ ପଛ ସିଟ୍ ଆଡ଼କୁ ଅନାଉ ଅନାଉ ହଠାତ୍ ଆମ୍ବିଳିଆ ଦେହ କରି ଚୁପ୍ ହେଇଗଲେ। ଥତମତ ଓ ଭୟଭୀତ ହେଇ ସଁକ୍ରି ଯାଇଥିବା ଅବସ୍ଥାର କାରଣ ଖୋଜିବାରୁ ଦେଖାଗଲା ପଛପଟୁ ତାଙ୍କ ସ୍ତ୍ରୀଙ୍କ ଢେଲ୍‌ଢେଲ୍ ଆଖି ଆମ ଆଡ଼କୁ ହେଇଛି।

।।୩।।

ସେଦିନ ବି ପ୍ରଫେସର ପ୍ରଳୟାନନ୍ଦ ବାବୁ ବିଳମ୍ବରେ ଆସି ସିଟ୍ ନ ପାଇ ବସ୍ ଗେଟ୍ ପାଖ ଗହଳିରେ ଠିଆ ହେଲେ। ପଛସିଟ୍‌ରୁ ବସି ଯେତେ ଇସାରା କଲେବି ଦେଖୁଥିଲେ କିନ୍ତୁ କିଛି ବି ପ୍ରତିକ୍ରିୟା ଦେଉ ନ ଥିଲେ। କ'ଣ ହେଲା ଭାବି ଓଲଟି ଦେବାରୁ ଦେଖିଲି, ପଛପଟେ ଜଣେ ସୁନ୍ଦରୀ ତରୁଣୀ ହସହସ ମୁଦ୍ରାରେ ଶୋଭା ପାଉଥିଲେ।


- ଭବାନୀପାଟଣା, କଳାହାଣ୍ଡି



## ପୁସ୍ତକ ପରିଚୟ

### ସୁବର୍ଣ୍ଣ ସମାଲୋଚନା


**ସଂପାଦନା:** ପ୍ରଫେସର ବାଉରୀବନ୍ଧୁ କର
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ. ୭୫୦/-




ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପଚାଶ ବର୍ଷ ପୂର୍ତ୍ତିଅବକାଶରେ ପ୍ରକାଶିତ 'ସୁବର୍ଣ୍ଣ ସମାଲୋଚନା' ଗ୍ରନ୍ଥଟି ପ୍ରଫେସର ବାଉରୀବନ୍ଧୁ କରଙ୍କ ଏକକ ଉଦ୍ୟମ ଓ ସଂପାଦନାରେ ପ୍ରକାଶିତ ୬୩୨ ପୃଷ୍ଠାର ଏକ ଉଲ୍ଲେଖନୀୟ ଗ୍ରନ୍ଥ, ଯାହା ୫୦ ଜଣ କୃତବିଦ୍ୟ ଲେଖକଙ୍କ ମୂଲ୍ୟବାନ ରଚନାରେ ସମୃଦ୍ଧ। ଗ୍ରନ୍ଥସ୍ଥ ନିବନ୍ଧଗୁଡ଼ିକର ଲେଖକମାନଙ୍କ ମଧ୍ୟରୁ କତିପୟ ଦିବଂଗତ। ବଂଶୀଧର ମହାନ୍ତି, କୃଷ୍ଣ ଚରଣ ସାହୁ, ବାସୁଦେବ ସାହୁ, ସୁରେନ୍ଦ୍ର ମହାନ୍ତି, ସର୍ବେଶ୍ୱର ଦାଶ, ଚନ୍ଦ୍ରଶେଖର ରଥ, ଚିନ୍ତାମଣି ବେହେରା, ଚିତ୍ତରଂଜନ ଦାସ, ଧନେଶ୍ୱର ମହାପାତ୍ର, ନରେନ୍ଦ୍ର ନାଥ ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ କୃଷ୍ଣ ପ୍ରସାଦ ମିଶ୍ର ପ୍ରମୁଖ ସଶରୀରେ ନାହାନ୍ତି ସତ, କିନ୍ତୁ ତାଙ୍କ ରଚିତ କେତେକ କାଳଜୟୀ ନିବନ୍ଧକୁ ପ୍ରଫେସର କର ସଂକଳନଭୁକ୍ତ କରି ସଂପାଦକ ଭାବେ ତାଙ୍କ ସ୍ୱଧର୍ମର ପରାକାଷ୍ଠା ପ୍ରତିପାଦନ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ଶତପଥୀ, ପ୍ରଫୁଲ୍ଲ କୁମାର ମହାନ୍ତି, ଦାଶରଥି ଦାସ, ଗଗନେନ୍ଦ୍ର ନାଥ ଦାଶ, ଆଦିକନ୍ଦ ସାହୁ, ବୈଷ୍ଣବ ଚରଣ ସାମଲ, ସୁଦର୍ଶନ ଆଚାର୍ଯ୍ୟ, ବିଜୟ କୁମାର ଶତପଥୀ, ମନୋଜ ଦାସ, ବାବାଜି ଚରଣ ପଟ୍ଟନାୟକ, ବସନ୍ତ କୁମାର ପଣ୍ଡା, ଅସିତ ମହାନ୍ତି, ହୃଷୀକେଶ ମଲ୍ଲିକ ଓ ସଂପାଦକ ଉତ୍କର କରଙ୍କ ମୂଲ୍ୟବାନ ନିବନ୍ଧମାନ ସ୍ଥାନିତ ହୋଇଛି। ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକ ସମୟଖଣ୍ଡରେ ରଚିତ ନାନା ଉତ୍କୃଷ୍ଟ ଗ୍ରନ୍ଥ ଓ ସାହିତ୍ୟତତ୍ତ୍ୱ ସଂପର୍କରେ ଗ୍ରନ୍ଥସ୍ଥ ନିବନ୍ଧଗୁଡ଼ିକ ବେଶ୍ ତଥ୍ୟନିଷ୍ଠ ଓ ପ୍ରଜ୍ଞାଲୋକିତ।

### ଆସ ଯିବା


**କବି:** ଶରତ ଚନ୍ଦ୍ର ମହାନ୍ତି
**ପ୍ରକାଶକ:** ଇଭେଣ୍ଟ୍‌ସ ପବ୍ଲିକେଶନ୍ସ, ଭିଏସ୍ଏସ୍ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୧୪୦/-




ମୋଟ ୪୧ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସଂଯୋଜିତ, ଯହିଁରେ କବି ତାଙ୍କ ଜୀବନାନୁଭୂତି ଓ ପରିବ୍ୟାପ୍ତ ଜଗତର ଚିତ୍ରରୂପ ବେଶ୍ ନିଷ୍ଠାର ସହ ଆଙ୍କିଛନ୍ତି। 'ଆହ୍ୱାନ' ଶୀର୍ଷକ ପ୍ରାରମ୍ଭିକ ଏକ ଗଦ୍ୟରେ ଲେଖିଛନ୍ତି: ''କବିତା ମଝିରେ ମଝିରେ ସୁଯୋଗ ଉଣ୍ଡି ମନ ତଳେ ଲୁକ୍କାୟିତ ଅନେକ ପ୍ରଶ୍ନର ଉତ୍ତର ହୋଇ ଛିଡ଼ା ହୁଏ। ଶବ୍ଦରେ ବତୁରେଇ, ଭାବରେ ଆଉଟି, ନିର୍ଲିପ୍ତ ଆକାଶ ପରି ସିଏ ଆପାଦମସ୍ତକ ବିସ୍ତରିଯାଏ। ଜୀବନର ବିଶାଳତା ପରି ନାନା ପ୍ରମଉତାରୁ ଶୀତଳତା ଆଡ଼କୁ ଲମ୍ବିଯାଏଯେ, ଆଖି ପାଏନା, ଦିଗ ଦିଶେନା।'' କବିତାର ଏହି ଲୌକିକଦୃଷ୍ଟି ବହିର୍ଭୂତ ଅସୀମ ବ୍ୟାପ୍ତି ସତ୍ତ୍ୱେ ଶରତ ତାଙ୍କ ଅନୁଭୂତିକୁ ରୂପ ଦେବାକୁ ସେଇ କବିତାକୁ ହିଁ ମାଧ୍ୟମ କରିଛନ୍ତି। କବିଙ୍କ କବିତାରେ ପୌରାଣିକ ସମୟ ଦୈନନ୍ଦିନର ହୋଇଉଠେ ଓ ଦୈନନ୍ଦିନତା ଚିରନ୍ତନତାର ଦ୍ୟୁତି ଘେନି ଝଟକିଉଠେ। 'ଖଟି' କବିତାରେ ତାଙ୍କ ସାମ୍ପ୍ରତିକ ଜୀବନବୋଧକୁ ଆମେ ଭେଟୁଁ, ଯେତେବେଳେ ପଢ଼ୁଁ: ''ବେଳେବେଳେ ଖଟିରେ ସାହିତ୍ୟ ମଞ୍ଜି, ଗପର ପ୍ଲଟ୍/କବିତାର ସ୍କେଚ୍ ସାହିତ୍ୟିକଙ୍କୁ ଖୁଜୁବୁଜୁ କରେ/ଟୋକା ଖଟି ଟେରେଇ ଚାହେଁ, ବୁଢ଼ାଙ୍କ ଖଟି ଖୁଙ୍କାରି କାଶେ/ମଧ୍ୟବୟସ୍କଙ୍କ ଖଟି ଦେଏଣା ପାଉଣା, ଆଉ ଘରକରଣା ହିସାବରେ ମାତେ।'' ('ଖଟି': ପୃ-୧୦୧) ଯେଉଁମାନେ କବିତା-ଅବଗାହୀ, ସେମାନଙ୍କ ପାଇଁ ବହିଟି ଏକ ସୁସମ୍ବାଦ।

### ହୃଦୟର ମୂର୍ଚ୍ଛନା

**କବୟିତ୍ରୀ:** ଚୈତାଳି ଖିଲାର
**ପ୍ରକାଶକ:** ଟାଇମ୍ ପ୍ରସ୍, ମାତୃକୃପା, ବରମୁଣ୍ଡା, ଭୁବନେଶ୍ୱର-୩
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ. ୧୦୦/-





'ହୃଦୟ କଥା' ଗଦ୍ୟଲେଖରେ ଆରମ୍ଭରୁ ଚୈତାଳି କହନ୍ତି: ''ସମୟ ସବୁ ଏମିତି। ହଜି ପୁଣି ଫେରିଆସି ଧରାଦେଲେ ହୋଇଯାଏ ସ୍ମୃତି। କେବେକେବେ ସେହି ସ୍ମୃତିମାନ ଭାରି ନିଜର ଲାଗେ। ସେହି ସ୍ମୃତି ଓ ଅନୁଭୂତିମାନଙ୍କୁ ଅକ୍ଷର, ଶବ୍ଦରେ ସାଇତି ଦେବାକୁ ଇଚ୍ଛା ହୁଏ। ତାହା ହିଁ ମୁଁ କରିଛି।'' ଚୈତାଳିଙ୍କ କବିତା ସମ୍ପର୍କରେ ମତ ଦେଇ କବି କୃଷ୍ଣକୁମାର ମହାନ୍ତି କହନ୍ତି: ''ପ୍ରେମ ଓ ପ୍ରଣୟାନୁରାଗର ମିଶ୍ରିତ କକ୍‌ଟେଲ୍ ହିଁ ଚୈତାଳିଙ୍କ କବିତା।'' (ଗୋଟିଏ ହଜି ନ ଥିବା ହୃଦୟର ଅକୁହା ମୂର୍ଚ୍ଛନା) କବୟିତ୍ରୀଙ୍କ କବିତା ଠାଏଠାଏ ବେଶ୍ ପରିପକ୍ୱ ଲାଗେ, ଯଦିଓ କେତେକ କବିତାରେ ତାଙ୍କ କଞ୍ଚାହାତ ଆହୁରି ପାକଳ ହେବାକୁ ଅପେକ୍ଷା କରୁଥାଏ। ଯେଉଁ ଚୈତାଳି ''ଭଲ ପାଇବା ମାନେ ନୁହେଁ/ପ୍ରେମ କରିବା.../ ଭଲ ପାଇବା ହେଉଛି/ସବୁଦିନ ପାଇଁ ନିଜ ଭିତରେ/ସେତୁ ଗଢ଼ିବା'' (ଭଲ ଲାଗେ, ପୃ-୪୭) ଭଳି ଧାଡ଼ିମାନ ଲେଖିଯିବାର ସାମର୍ଥ୍ୟ ରଖନ୍ତି, ସେ ଅଚିରେ ଓଡ଼ିଆ କବିତାରେ ଯେ ଏକ ବାରିହେଲା ଭଳି ସ୍ୱର ହୋଇ ଉଠିବେ, ଏ ବିଶ୍ୱାସ ବହିଟି ପଢ଼ିଲା ପରେ ରଖିହୁଏ।

### ପୁନର୍ନବା


**କବି:** ଅବନୀ ପ୍ରଧାନ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୮୦/-

ବହିଟିରେ ସ୍ଥାନିତ 'ସେଇ ଲୋକଟା' ଶୀର୍ଷକରେ ୧୩ଟି ଓ 'କବିତା କଥା' ଶୀର୍ଷକରେ ୪ଟି ଏବଂ ଏଥିସହିତ ଅନ୍ୟ ୧୯ଟି ଏକକ କବିତା। ଅବନୀ ନିଜ ଅନୁଭୂତିକୁ ଆଦୌ ମିଛ ହେବାକୁ ଦିଅନ୍ତି ନାହିଁ ତାଙ୍କ କବିତାରେ। ସତ ଅନୁଭୂତିରେ ଗଢ଼ା ହେବା ସତ୍ତ୍ୱେ ପ୍ରତ୍ୟେକଟି କବିତା କବିଙ୍କର ନିଜସ୍ୱ ବାଗରେ କିନ୍ତୁ ରସୋତ୍ତୀର୍ଣ୍ଣ ହୋଇଉଠେ। ଗ୍ରନ୍ଥାରମ୍ଭରେ କବି ମାନିଛନ୍ତିଯେ, କବିତା ଲେଖି ସମାଜରେ ନିତି ପ୍ରତି ଘଟୁଥିବା ଅଘଟଣ ଓ ଅଶାନ୍ତିକୁ ଦୂର କରିପାରିବେ ନାହିଁ। କିନ୍ତୁ ସମାଜରେ ଦୁର୍ଦ୍ଦିନର ଲୋପ ଘଟି ସୁଦିନ ଆସୁ- ଏତକ ଅନ୍ତତଃ ପ୍ରାର୍ଥନା କରିପାରିବେ। 'କବିତା କଥା' ଶୀର୍ଷକ କବିତାରେ କବି କହନ୍ତି: ''ଯେଉଁମାନେ କବିତା ପଢ଼ନ୍ତି ନାହିଁ/ ଯେଉଁମାନେ ଲେଖନ୍ତି/ ଯେଉଁମାନେ କବିତା ଲେଖନ୍ତି ନାହିଁ/ ଯେଉଁମାନେ ପଢ଼ନ୍ତି,/ କବିତା ସେମାନଙ୍କ ପାଇଁ କେବଳ ଖାସ୍ କବିତା କଥା।'' 'ପୁନର୍ନବା'ର ଶୈଳୀଟି ଅବନୀଙ୍କର ସ୍ୱ-ପ୍ରବର୍ତ୍ତିତ ଓ ଅନନୁକରଣୀୟ।




### ମେଘଆଣ୍ଡି

**କବି:** ହୃଦାନନ୍ଦ ପାଣିଗ୍ରାହୀ
**ପ୍ରକାଶକ:** ସତ୍ୟଭାମା ପ୍ରକାଶନୀ, ତିହିଡ଼ି, ଭଦ୍ରକ
**ମୂଲ୍ୟ:** ଟ.୬୦/-




ଗଣିଗଣି ୨୨ଟି କବିତାରେ ତିଆରି ହେଇଛି କବି ହୃଦାନନ୍ଦଙ୍କର ତ୍ରୟୋଦଶତମ କବିତାଗ୍ରନ୍ଥ 'ମେଘଆଣ୍ଡି'। ନାମକରଣରୁ ବାରି ହୋଇପଡ଼େ ଓଡ଼ିଆ କବିତାରେ ସେ ଜଣେ ଗତାନୁଗତିକ ପଦ୍ୟକାର ନୁହନ୍ତି, ଭାଷା ଓ ଭାବକୁ ନୂଆ ଆଖି ନେଇ ଦେଖୁଥିବା ସ୍ରଷ୍ଟା। ପ୍ରାନ୍ତିକ ମଣିଷଠୁଁ କେନ୍ଦ୍ରାଧୀଶଙ୍କ ଯାଏ ଯେଉଁଠି ଜୀବନର ସୁରାକ ଦେଖନ୍ତି କବି, ଚୟିତ ଶବ୍ଦରେ ତା'ର ଚିତ୍ର ଆଙ୍କନ୍ତି। ଆମ ଭାଷାରୁ ବ୍ୟବହାର ଅଭାବରୁ ଭୁଲି ହୋଇଯାଉଥିବା ଭାବବାହୀ ଶବ୍ଦମାନେ ତାଂକ କବିତାରେ ଛାଁ ଛାଁ ଧରା ଦିଅନ୍ତି। ଗ୍ରନ୍ଥ ଆରମ୍ଭରେ କବି ନିଜ କବିତାର ଅଂଗ ଓ ଆତ୍ମା ସଂପର୍କରେ କହଂତି: ''କେତେବେଳେ ଦୁଃଖରେ ଆକ୍ତାମାକ୍ତା ହେଇଉଠିଛି ମୋ' କବିତା। କପାଳରୁ ଝାଳ ଓ ଆଖିରୁ ଲୁହ ଟୋପେ ପୋଛି ଦେବାକୁ କେବେକେବେ ହାତ ବଢ଼ାଇଛି। x x x ଲୁହର ମୂଲ୍ୟକୁ ବେଶ୍ ବୁଝିଛି ମୋ' କବିତାର ଆତ୍ମା।'' 'ସାନସାନ ପିଲାଏ ଗୁଣୁଗୁଣୁ ହେଲେଣି ପ୍ରଚାର ଗୀତ/ମଦପାଣି, ମାଂସ ଭାତ/ତା'ରି ଭିତରେ ଦୃଢ଼ ହେଉଛି ଆମ ଗଣତନ୍ତ୍ର' ବା 'ଦାନ ମାଝି ଛାଡ଼ିଲା ହସ୍ପିଟାଲ/ଆଗିଲିପିଛିଲି ହେଇ ଦି' ଜଣ ବାପ ଆଉ ଝିଅ/କାନ୍ଧ କଷ୍ଟକୁ ଭୁଲି ସାରିଥିଲା/ ତା' ଗଭୀର ଆତ୍ମାର ଡାକ/ଚାଲିବା ବାଟରେ ମଥାକୋଡ଼ି କାନ୍ଦୁଥିଲେ/ ଇତସ୍ତତଃ କିଛି ମଲାପତ୍ର' ଭଳି ଧାଡ଼ି ଭିତରେ ଓଡ଼ିଆ ଭାଷାର ସାବଜୀ ଚେହେରାକୁ ଅଜର କରିଦିଅନ୍ତି ହୃଦାନନ୍ଦ।